**ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନର ସମ୍ମିଳନୀ**

ଜୟପୁର,(ପବନ ପାଣିଗ୍ରାହୀ)- ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନ ଜୟପୁର ଶାଖା ଜିଲା କମିଟିର ବର୍ଷିକ ସମ୍ମିଳନୀ ଶ୍ରମିକ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ପ୍ରିନ୍ସ ଖିଲାଡି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଡାକ୍ତର କେଦାରନାଥ ଚୌଧୁରୀ, ସମ୍ମାନିତ ଅତିଥି ରୂପେ ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ, ଅମଲା ସଂଘ ସଭାପତି ଶଶୀ ଭୂଷଣ ଦାସ, ଜିଲା ସମ୍ପାଦକ ଲକ୍ଷ୍ମଣ ମିଶ୍ର ଉପସ୍ଥିତ ଥିଲେ। ସମ୍ମିଳନୀରେ ମେଡିକାଲ ସେଲ୍ସ ରିପ୍ରେଜେଣ୍ଟେଟିଭମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଆଗାମୀ ବର୍ଷ ପାଇଁ ଜିଲା ସଭାପତି ଭାବେ କୃଷ୍ଣଚନ୍ଦ୍ର ସାମନ୍ତରାୟ, ଜିଲା ସମ୍ପାଦକ ଭାବେ ରଞ୍ଜନ ମିଶ୍ର, ଜିଲା ଉପ ସଭାପତି ଯୋଗେନ ଚୌଧୁରୀ, କୋଷାଧକ୍ଷ ସନ୍ତୋଷ ଦଳାଇଙ୍କୁ ନିର୍ବାଚିତ କରାଯାଇଥିଲା।

## ସଂକ୍ଷେପରେ

### ଚୋରି ଅଭିଯୋଗରେ ଜଣେ ଗିରଫ



ଜୟପୁର, ୬।୧୧ (ପବନ ପାଣିଗ୍ରାହୀ)

ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ସୋମବାର ଟାଉନଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୋପବନ୍ଧୁ ନଗରର ପାଟଲା କିଶୋର କୁମାର (୫୩)। ଜୟପୁର ସହର ଭଦ୍ରାୟାସାହିର ବି. ସନ୍ତୋଷ କୁମାର ତାଙ୍କର ସାଇକେଲ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତଦନ୍ତରୁ ପାଟଲାଙ୍କ ସମ୍ପୃକ୍ତି ଥିବା ଜାଣି ତାଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଚୋରି ସାଇକେଲ ଜବତ ହୋଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

### ଭୂତକୋଠି ପାଲଟିଲାଣି କମନ୍ କମ୍ୟୁନିଟି ହଲ୍




ସୁନାବେଡ଼ା,୬।୧୧ (କୃତ୍ତିବାସ ପ୍ରଧାନ)– ବ୍ୟବହାର ନ ହୋଇ ଭୂତକୋଠି ପାଲଟିବାକୁ ବସିଲାଣି ଲକ୍ଷାଧିକ ଟଙ୍କାରେ ନିର୍ମିତ ସାଧାରଣ କମ୍ୟୁନିଟି ଗୃହ। ୨୦୧୯ରେ ହାଲ୍ ପ୍ରଶାସନ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ୧ନମ୍ବର ୱାର୍ଡରେ ଥିବା ସିଡିପିଓଙ୍କ କାର୍ଯ୍ୟାଳୟ ପଛପଟ ପଡ଼ିଆରେ ଏହି ହଲ୍ ନିର୍ମାଣ ହୋଇଥିଲା। ନିର୍ମାଣ ପରଠାରୁ ବ୍ୟବହାର ନ ହୋଇ ଏହା ତାଲାପଡି ରହିଛି। ତେବେ ଏହା ଉପଯୁକ୍ତ ସ୍ଥାନରେ ହୋଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବ୍ୟବହାର ହେଉ ନ ଥିବାରୁ ଏହା ଚାରିପାଖ ଘାସ ବଣରେ ପରିଣତ ହେଲାଣି। ଏହି ହଲ୍‌କୁ ଲାଗି ନିର୍ମିତ ଶୌଚାଳୟରେ ପାଣି ନାହିଁ କି ଟ୍ୟାପ୍ ନାହିଁ। ଏନେଇ ନା ବିଭାଗୀୟ ଅଧିକାରୀ ନା ହାଲ୍ କର୍ତ୍ତୃପକ୍ଷ କେହି ଦୃଷ୍ଟି ଦେଉନାହାନ୍ତି। ତୁରନ୍ତ ଏହି କମ୍ୟୁନିଟି ହଲ୍‌କୁ ବ୍ୟବହାର ଉପଯୋଗୀ କରିବାକୁ ସାଧାରଣରେ ଦାବି ହେଉଛି।

### ‘ନିଃସ୍ୱାର୍ଥପର ସେବା କଲେ ଦୁର୍ନୀତି ଦୂର ହୋଇପାରିବ’

କୋରାପୁଟ,୬।୧୧ (ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୩ ପାଳିତ ହୋଇଛି। ଏହି ଅବସରରେ ‘ଦୁର୍ନୀତିକୁ ନା କୁହ ; ଦେଶ ପ୍ରତି ପ୍ରତିବଦ୍ଧ ରୁହ’ ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଜ୍ଞାନ ଓ ନୈତିକ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହୋଇ ଦାୟିତ୍ୱବାନ ନାଗରିକ ହେବାକୁ ସେ ପରାମର୍ଶ ଦେଇ ଯଦି ବ୍ୟକ୍ତିମାନେ ବିନା ସ୍ୱାର୍ଥରେ ନିଃସ୍ୱାର୍ଥପର ସେବାରେ ନିଜକୁ ସମର୍ପିତ କରନ୍ତି, ତେବେ ଦୁର୍ନୀତି ନିଶ୍ଚିତ ଦୂର ହୋଇପାରିବ ବୋଲି କହିଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟ ଡିନ୍ ପ୍ରଫେସର ଶରତ ପଳିତା ଭାରତରେ ଭିଜିଲାନ୍ସ ସଚେତନତା ସପ୍ତାହର ପୃଷ୍ଠଭୂମି ଓ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଦୁର୍ନୀତି ଗଣତନ୍ତ୍ରର ଭିତ୍ତିଭୂମିକୁ ନଷ୍ଟ କରିଥାଏ ଏବଂ ଦେଶର ଅଭିବୃଦ୍ଧିରେ ବାଧା ସୃଷ୍ଟି କରିଥାଏ। ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ ମେଶ୍ରାମ ସ୍ୱାଗତ ସୂଚନା ଦେଇଥିଲେ। ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ରେଜିଷ୍ଟ୍ରାର ପ୍ରଫେସର ଏନ୍‌ସି ପଣ୍ଡା, ରାଜଭାଷା ସେଲ୍ ନିର୍ଦ୍ଦେଶକ ପ୍ରଫେସର ହେମରାଜ ମୀନା, ହିନ୍ଦୀ ବିଭାଗ ମୁଖ୍ୟ ଡ. ଚକ୍ରଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷତିରେ ଚାଷୀ, ଲାଭରେ ଆନ୍ଧ୍ର ବ୍ୟବସାୟୀ

■ ମକା ପାଇଁ ନାହିଁ ବଜାର ସୁବିଧା
■ ଜିଲା କିମ୍ବା ରାଜ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନାହିଁ
■ କମ୍ ଦରରେ କିଣିନେଇ ଅଧିକ ଦରରେ ବିକୁଛନ୍ତି ବ୍ୟବସାୟୀ

ପଟ୍ଟାଙ୍ଗି,୬।୧୧ (ଶରତ ଧଳ)



ପଟ୍ଟାଙ୍ଗି ଅଞ୍ଚଳରୁ ଉତ୍ପାଦିତ ହୋଇଥିବା ମକା।

ରାଜ୍ୟ ସରକାର ରାଜ୍ୟର ଚାଷୀଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ରାଜ୍ୟର ମକା ଚାଷୀଙ୍କ ପାଇଁ ସେପରି କିଛି ସୁବିଧା ହୋଇ ନ ଥିବା ଯୋଗୁ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଞ୍ଚଳର ମକାଚାଷୀ ଏହି ଚାଷରୁ ବିଶେଷ ଉପକୃତ ହେଉନାହାନ୍ତି। ଏହାର ଲାଭ ସିଧାସଳଖ ପଡୋଶୀ ଆନ୍ଧ୍ର ବ୍ୟବସାୟୀମାନେ ଉଠାଉଛନ୍ତି। ପଟ୍ଟାଙ୍ଗି ବ୍ଲକର ରାଲେଗଡା, ସୁଙ୍କି, ପେଟୁରୁ, ଅମ୍ପାବାଲି, ସମ୍ବାଇ, ତଳଗୋଲୁର ପଞ୍ଚାୟତର ଚାଷୀମାନେ ମକା ଚାଷ କରିଥାନ୍ତି। ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ ଉପରୋକ୍ତ ପଞ୍ଚାୟତଗୁଡିକରେ ମକା ଚାଷ ହୋଇଥିଲା। ମକା ବ୍ୟବସାୟ ଲାଗି ଅଞ୍ଚଳରେ କୌଣସି ବଜାର ସୁବିଧା ନ ଥିବା ଯୋଗୁ ଚାଷୀମାନେ ଖୁବ୍ କମ ଦରରେ ଆନ୍ଧ୍ର ବ୍ୟବସାୟୀଙ୍କୁ ବିକ୍ରି କରି ଦେବାକୁ ବାଧ ହେଉଛନ୍ତି। ଆନ୍ଧ୍ର ମକା ବ୍ୟବସାୟୀମାନେ ଉପରୋକ୍ତ ପଞ୍ଚାୟତରେ ପହଞ୍ଚି ମକା ଚାଷୀଙ୍କଠାରୁ ମକା କିଲୋ ପିଛା ୧୦ରୁ ୧୫ ଟଙ୍କା ଦରରେ କିଣି ନିଜ ରାଜ୍ୟରେ ଅଧିକ ଦରରେ ବିକ୍ରି କରି ଲାଭବାନ ହେଉଛନ୍ତି। ଏ କ୍ଷେତ୍ରରେ ଓଡ଼ିଶାର ସୀମାନ୍ତ ଗ୍ରାମବାସୀ କିପରି ମକାରୁ ଉଚିତ ମୂଲ୍ୟ ପାଇପାରିବେ ସେନେଇ ଜିଲା ପ୍ରଶାସନ କିମ୍ବା ରାଜ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉତ୍ପାଦିତ ମାଣ୍ଡିଆ ଏକ ଭିଟାମିନଯୁକ୍ତ ଖାଦ୍ୟ ହୋଇଥିବାରୁ ଏହାକୁ ଗୁରୁତ୍ୱ ଦେଇ ମାଣ୍ଡିଆ ଚାଷୀ ଯେପରି ଲାଭବାନ ହେବେ ସେନେଇ ଅନେକ କିଛି ବ୍ୟବସ୍ଥା କରିଛନ୍ତି ଅଥଚ ମାଣ୍ଡିଆ ପରି ମକା ମଧ୍ୟ ଏକ ଭିଟାମିନ୍‌ଯୁକ୍ତ ଫସଲ ହୋଇଥିଲେ ମଧ୍ୟ ଏହାର ବଜାର ବ୍ୟବସ୍ଥା ନେଇ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି କେତେ ଜଣ ମକାଚାଷୀ ଅଭିଯୋଗ କରିଛନ୍ତି। ଏଥିପାଇଁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କୁ ଅବଗତ କରିବା ଆବଶ୍ୟକ ବୋଲି ଚାଷୀ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ କହିଛନ୍ତି। ସୂଚନାଯୋଗ୍ୟ, ମକା ଚାଷ ପଟ୍ଟାଙ୍ଗି ବ୍ଲକ ବ୍ୟତୀତ ନବରଙ୍ଗପୁର ଜିଲାର ଉମରକୋଟ, ରାଇଘର ବ୍ଲକରେ ହେଉଛି। ଏହି ଦୁଇ ବ୍ଲକରୁ ଟନ୍ ଟନ୍ ମକା ଉତ୍ପାଦନ ହେଉଥିଲେ ମଧ୍ୟ ବଜାର ବ୍ୟବସ୍ଥା ନ ଥିବାରୁ ସେଠାକାର ଚାଷୀମାନେ ମଧ୍ୟ ଶୋଷଣର ଶିକାର ହେଉଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଦୁଷ୍ମନ୍ତ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ବ୍ଲକର ବିଭିନ୍ନ ପଞ୍ଚାୟତରେ ମକା ଉତ୍ପାଦନ ବୃଦ୍ଧି ପାଉଥିବା ଖୁସିର କଥା। ଚାଷୀ ସେମାନଙ୍କ ପ୍ରାପ୍ୟ ପାଇବା ଉଚିତ। ସେମାନେ ଯଦି ବଜାର ବ୍ୟବସ୍ଥା ପାଇଁ ଦାବି କରିବେ ତେବେ ଆମେ ଏ ସମ୍ପର୍କରେ ସରକାରଙ୍କୁ ଅବଗତ କରାଇ ମଣ୍ଡି ବ୍ୟବସ୍ଥା କରିବୁ ବୋଲି ସେ କହିଥିଲେ।

## ତୁଳସୀରେ ଶୋଭା ପାଉଛନ୍ତି ଶାବରଶ୍ରୀକ୍ଷେତ୍ରର ଚତୁର୍ଦ୍ଧାମୂର୍ତ୍ତି

**ମଣ୍ଡଳ କାରାଗାରରେ କଏଦୀ ପ୍ରସ୍ତୁତ କରୁଛନ୍ତି ତୁଳସୀମାଳ**

କୋରାପୁଟ,୬।୧୧ (ଅମିତାଭ ବେହେରା)

କୋରାପୁଟ ମଣ୍ଡଳ କାରାଗାର କର୍ତ୍ତୃପକ୍ଷଙ୍କ ବିଭିନ୍ନ ପଦକ୍ଷେପ ଯୋଗୁ ଏବେ କାରାଗାରର ଅନ୍ତେବାସୀଙ୍କ ମାନସିକତାରେ ପରିବର୍ତ୍ତନ ଆସୁଛି। କାରାଗାରରେ ଥିବା ବଗିଚାରେ ହୋଇଛି ପନିପରିବା ଚାଷ। ଏଠାରେ ଶୋଭା ପାଉଛି ଶହ ଶହ ତୁଳସୀ ଗଛ। ପ୍ରତିଦିନ ଏହି କାରାଗାରରୁ ଶାବର ଶ୍ରୀକ୍ଷେତ୍ରର ଜଗନ୍ନାଥ ମନ୍ଦିରକୁ ଯାଉଛି କୃଷ୍ଣ ତୁଳସୀ। ତିନି ଠାକୁର ଏହି ତୁଳସୀ ମାଳା ପିନ୍ଧି ଭକ୍ତଙ୍କୁ ଦେଉଛନ୍ତି ଦର୍ଶନ। ବିଭିନ୍ନ ଅପରାଧିକ ମାମଲାରେ ଛନ୍ଦି ହୋଇ ଜେଲରେ ଥିବା ବନ୍ଦୀମାନଙ୍କୁ ନେଇ ଜେଲ ପରିସରକୁ ସବୁଜ ସୁନ୍ଦର କରାଯାଇଛି ବୋଲି ଜେଲ ସୁପରିଟେଣ୍ଡେଣ୍ଟ ମନୋରଞ୍ଜନ ପ୍ରତିହାରୀ କହିଛନ୍ତି। ଏଥିସହ ବନ୍ଦୀମାନଙ୍କ ଦ୍ୱାରା କାରାଗାର ବଗିଚାରେ ଖାଲି ଥିବା ସ୍ଥାନରେ ତୁଳସୀ ଗଛ ଲଗାଯାଇଛି। ଏହାର ଯତ୍ନ ପୁରୁଷ ବନ୍ଦୀମାନେ ନେଉଥିବା ସେ କହିଛନ୍ତି। ଏହି ବଗିଚାରୁ ସଂଗୃହୀତ ତୁଳସୀକୁ ମହିଳା ଅନ୍ତେବାସୀ ମାଳା ତିଆରି କରିବା ପରେ ଏହାକୁ ଶାବର ଶ୍ରୀକ୍ଷେତ୍ରର ଚତୁର୍ଦ୍ଧାମୂର୍ତ୍ତିଙ୍କ ସେବାରେ ଲାଗିକରାଯାଉଛି ବୋଲି ପ୍ରତିହାରୀ ପ୍ରକାଶ କରିଛନ୍ତି।

## ୧୬ରେ ନନ୍ଦପୁରରେ ଦୁଇଦିନିଆ ବ୍ଲକସ୍ତରୀୟ ପରବ




ପରବ ପାଳନ ନେଇ ବସିଥିବା ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ନନ୍ଦପୁର, ୬।୧୧ (ଶଙ୍କର ପୂଜାରୀ)

ନନ୍ଦପୁରରେ ବ୍ଲକସ୍ତରୀୟ ପରବ ପାଳନ ନେଇ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ବସିଥିବା ଏହି ପ୍ରସ୍ତୁତି ବୈଠକରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ଲୁଲ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୧୬ ଓ ୧୭ ତାରିଖରେ ଦୁଇଦିନିଆ ବ୍ଲକସ୍ତରୀୟ ପରବ ପାଳନ ଲାଗି ବୈଠକରେ ନିଷ୍ପତ୍ତି ହୋଇଥିଲା। ବିଡିଓ ଦୁର୍ଗା ପ୍ରସାଦ ଦୋରା, ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଯସକେତନ ବେହେରା, ଜିପିଇଓ ବେଦାନ୍ତ ମାଝୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରିତା ଓରାମ, ସିଡିପିଓ ମିନତିବାଲା ପଟ୍ଟନାୟକ, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ଥାନାଧିକାରୀ ଆଶ୍ରିତା ଲାକ୍ରା, ୨୩ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବ୍ଲକରେ କାର୍ଯ୍ୟରତ ସମସ୍ତ ବିଭାଗର ଅଧିକାରୀ, ଯନ୍ତ୍ରୀ, ପିଇଓ, ଜିଆରଏସ, ବୁଦ୍ଧିଜୀବୀ ଓ କଳାକାରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ କ୍ରୀଡା ପ୍ରତିଯୋଗିତା ବ୍ଲକ ସଦରସ୍ଥିତ ବାଲିପଦା ପଡ଼ିଆରେ ହେବ। ମୁଖ୍ୟ ମଞ୍ଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନନ୍ଦପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ହେବାକୁ ନିଷ୍ପତ୍ତି ହୋଇଥିଲା। ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ନିଜ ନିଜ ପଞ୍ଚାୟତର ଲୋକ ପ୍ରତିନିଧି ଓ ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ ପରବରେ ଯୋଗ ଦେବାକୁ କୁହାଯାଇଛି। ସୁଚାରୁରୂପେ ପରବ ପାଳନ ଲାଗି ଏହି ଅବସରରେ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଏସଡିପିଓ ମହାପାତ୍ର ଉପସ୍ଥିତ କଳାକାର ଓ ଲୋକ ପ୍ରତିନିଧିମାନଙ୍କୁ ପରବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ବିଏସ୍‌ଏସ୍‌ଓ ସରିତା ଓରାମ ଓ ଡିଇଓ ଅର୍ଜୁନ ମାଝୀ ବୈଠକ ପରିଚାଳନା କରିଥିଲେ।

## ପିଡିଏସ୍ ଚାଉଳ ହେରଫେର ଅଭିଯୋଗ ଆଣିଲେ ଗ୍ରାମବାସୀ

କୋରାପୁଟ/ନାରାୟଣପାଟଣା,୬।୧୧ (ଅମିତାଭ ବେହେରା/ରାଜ କିଶୋର ଜେନା)

କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକ ଅଞ୍ଚଳରେ ପିଡିଏସ୍ ଚାଉଳ ପ୍ରଦାନରେ ହେରଫେର କରାଯାଉଥିବା ୪ଟି ଗ୍ରାମର ଗ୍ରାମବାସୀମାନେ ସୋମବାର ଅଭିଯୋଗ ଆଣିଛନ୍ତି। ନାରାୟଣପାଟଣା ପୋଡାପଦର ପଞ୍ଚାୟତର ସୁଡେଗୁ, ତଳରଙ୍ଗପାଣି, ଉପର ରଙ୍ଗପାଣି, ଜକପାଣି ଆଦି ୪ଟି ଗ୍ରାମର ଗ୍ରାମବାସୀ ଏନେଇ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏହି ଗ୍ରାମବାସୀଙ୍କୁ ଗତ ଏପ୍ରିଲ, ମେ ଓ ଜୁନ ମାସରେ ଆସିଥିବା ଚାଉଳରୁ ଦୁଇ ମାସର ଚାଉଳ ଦେଇ ଜୁନ ମାସର ଚାଉଳ ଦେଇ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ମାତ୍ର ଚାଉଳ କାର୍ଡରେ ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା ବ୍ୟକ୍ତି ଚତୁରତାର ସହ ୩ ମାସର ପ୍ରଦାନ କରିଥିବା ଉଲ୍ଲେଖ କରିଦେଇଛନ୍ତି। ଜୁନ ମାସର ଚାଉଳ ପାଇ ନ ଥିବାରୁ ହିତାଧିକାରୀମାନେ ଯୋଗାଣ ସହାୟକ ଓ ପଞ୍ଚାୟତ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏନେଇ ପୋଡାପଦର ପଞ୍ଚାୟତ ଅଧିକାରୀ ଓ ଯୋଗାଣ ସହାୟକଙ୍କୁ ପଚାରିବାରୁ ସେମାନେ ନିଜ ଦୋଷ ସ୍ୱୀକାର କରିଛନ୍ତି।ମାତ୍ର ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି।



ହିତାଧିକାରୀମାନେ ରାଶନ କାର୍ଡ ଦେଖାଉଛନ୍ତି।

ଏନେଇ ନାରାୟଣପାଟଣା ବିଡିଓ ପିୟୁଷ ଲୁହାରଙ୍କୁ ପଚାରିବାରୁ ସେ କହିଲେ, ଏହି ଘଟଣା ନେଇ ମୁଁ ଅବଗତ ନ ଥିଲି। ଘଟଣାର ତଦନ୍ତ କରାଯିବ। ଯିଏ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଲୁହାର କହିଥିଲେ। ସେହିପରି ବ୍ଲକ ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଜ୍ଞାନମେଳା

ଜୟପୁର,୬।୧୧ (ପବନ ପାଣିଗ୍ରାହୀ)

ଜୟପୁର ଶାରଦାବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ଗଣପତି ଫାଉଣ୍ଡେଶନ ପକ୍ଷରୁ ଏକ ବିଜ୍ଞାନମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଗଣପତି ଫାଉଣ୍ଡେଶନ ଅଧ୍ୟକ୍ଷ ଡ. ବି.ସି. ସାବତ, ସମ୍ମାନିତ ଅତିଥି ରୂପେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଉପସଭାପତି ପ୍ରାଧ୍ୟାପକ ପଙ୍କଜ ପାତ୍ର ଉପସ୍ଥିତ ଥିଲେ । ଅନ୍ୟତମ ଅତିଥି ରୂପେ ରୋଟାରି କ୍ଲବ ସଭାପତି ଅଶୋକ ମିଶ୍ର, ସମ୍ପାଦକ ସୁରେଶ ପାଣିଗ୍ରାହୀ, ଜି.ଭି. ରାଓ, ମୁରଲୀଧର ସାବତ, ଅଜିତ ପାତ୍ର, ରତ୍ନାକର ଚୌଧୁରୀ, ରାମହରି ପଣ୍ଡା, କେ. ବ୍ରହ୍ମା, ରବି ନନ୍ଦ, ଆରତୀ ମିଶ୍ର, ସି.ସାବିତ୍ରୀ, ସ୍ୱାତୀ ହୋତା, ପ୍ରଦୀପ ସାହୁ ଉପସ୍ଥିତ ଥିଲେ। ଜୟପୁର ସହରର ବିଭିନ୍ନ ବିଦ୍ୟାଳୟରୁ ୧୪୦ ପ୍ରକଳ୍ପ ବିଜ୍ଞାନମେଳାକୁ ଆସିଥିଲା। ବିଚାରକ ରୂପେ ପୂର୍ବତନ ଅଧ୍ୟକ୍ଷା ସି. ସାବିତ୍ରୀ, ବି.ବି. ନନ୍ଦ, ଓମ୍‌ପ୍ରକାଶ ମିଶ୍ର, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଡ. ଉଜ୍ଜ୍ୱଳ ଷଡ଼ଙ୍ଗୀ ଉପସ୍ଥିତ ରହି ପିଲାଙ୍କ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଶେଷରେ କୃତୀ ଶିଶୁ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରକଳ୍ପଗୁଡ଼ିକ ବିଜ୍ଞାନର ନୂତନ ପ୍ରୟୋଗ, ପରିବେଶ ସ୍ୱଚ୍ଛତା ଏବଂ ଯାତାୟାତ ପରିବହନ ଆଧାରିତ ନମୁନାଭିତ୍ତିକ ଥିଲା। ପ୍ରଧାନାଚାର୍ଯ୍ୟ ସତ୍ୟନାରାୟଣ ସେଠୀ ଅଧ୍ୟକ୍ଷତା କରିଥିଲେ। ଗୁରୁମାଗୁରୁଜୀମାନେ ମେଳା ପରିଚାଳନା କରିଥିଲେ।

## ଗୁଳି ଚାଳନା ମାମଲାରେ ୩ ଗିରଫ

ଜୟପୁର, ୬।୧୧ (ପବନ ପାଣିଗ୍ରାହୀ)

ଏକ ଗୁଳିଚାଳନା ମାମଲାରେ ୩ ଜଣଙ୍କୁ ସୋମବାର ଜୟପୁର ସଦର ପୋଲିସ ଗିରଫ କରିଛି। ସେମାନେ ହେଲେ ଉମୁରି ଗ୍ରାମର ଗୌତମ ବାଘ (୨୬) ମହେନ୍ଦ୍ର ଖୋସଲା (୨୫) ଓ ସୌରାଗୁଡାର ରୋହିତ ପାଇକ ରାୟ (୧୯)। ପୋଲିସ ସୂଚନା ଅନୁଯାୟୀ, ଜୟପୁର ସଦର ଥାନା ଅନ୍ତର୍ଗତ ଉମୁରି ଗ୍ରାମର କାର୍ତ୍ତିକ ବାଘ, ରଞ୍ଜିତ ବାଘ, ଗୌତମ ବାଘଙ୍କ ସହ କେତେକ ସହଯୋଗୀ ମିଶି ସୁରେନ୍ଦ୍ର ନାୟକ, ସଞ୍ଜୟ ସୁନା ଏବଂ ଅନ୍ୟ କେତେ ଜଣଙ୍କ ଉପରେ ପ୍ରତିଶୋଧ ନେବାକୁ ଷଡଯନ୍ତ୍ର କରିଥିଲେ । ଗତ ୨୪ ତାରିଖ ରାତିରେ ପିସ୍ତଲ ଏବଂ ମାରଣାସ୍ତ୍ର ଧରି ଉମୁରି ବସଷ୍ଟାଣ୍ଡ ନିକଟରେ ଗୁଳିଚାଳନା କରିଥିଲେ। ସୁରେନ୍ଦ୍ର ଓ ସଞ୍ଜୟ ଘରେ ନ ଥିବା ବେଳେ ସେମାନଙ୍କ ଘରେ ପଶି ଭଙ୍ଗାରୁଜା କରିଥିଲେ। ପରିବାର ଲୋକଙ୍କୁ ଧମକଚମକ ଦେଇ ପିସ୍ତଲ ଦେଖାଇ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ସାହି ପଡିଶା ଘଟଣା ସ୍ଥଳକୁ ଆସି ଅଭିଯୁକ୍ତମାନଙ୍କୁ ଦେଖି ଭୟଭୀତ ହୋଇ ପଡିଥିଲେ। ପରେ ସଦର ପୋଲିସ ପହଞ୍ଚିବାରୁ ସେମାନେ ଫେରାର ହୋଇଯାଇଥିଲେ। ଏହି ମାମଲାରେ ସମ୍ପୃକ୍ତ ଥିବା ଉମୁରି ଗ୍ରାମର ସଞ୍ଜୀବ ଖୋସଲାଙ୍କୁ ଗତ ୨୬ରେ ଏବଂ ଗତ ୨୯ରେ ବାଦଲ ବାଘଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

## ୩ ବର୍ଷ ହେବ ରୋଗଶଯ୍ୟାରେ ସଭା

**ଚିକିତ୍ସାରେ ଅର୍ଥ ବାଧକ**

ଦଶମନ୍ତପୁର,୬।୧୧ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ଡେଙ୍ଗାଗୁଡ଼ା ଗ୍ରାମର ସଭା ମାଣ୍ଡିଙ୍ଗା (୪୫) ଅର୍ଥ ଅଭାବରୁ ୩ ବର୍ଷ ହେବ ଶଯ୍ୟାଶାୟୀ ହୋଇ ରହିଛନ୍ତି। ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ସଭା ଶଯ୍ୟାଶାୟୀ ହୋଇ ରହିବାରୁ ପରିବାର ଚଳିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ତାଙ୍କ ସ୍ତ୍ରୀ ପାଲାଇଙ୍କୁ। ବଡ଼ଝିଅ ନମିତା(୧୫), ତ୍ରିଲୋଚନ, ମାଳନ୍ତି ଓ ପୁଅ ଚନ୍ଦନଙ୍କୁ ନେଇ ସଭାଙ୍କ ସଂସାର। ମଝିଆ ପୁଅ ତ୍ରିଲୋଚନ ଦଶମନ୍ତପୁର ବ୍ଲକର ମାଛପୁଟ ସେବାଶ୍ରମରେ ସପ୍ତମ ଶ୍ରେଣୀରେ ପଢୁଛନ୍ତି। ସଭା କହନ୍ତି, ୩ ବର୍ଷ ତଳେ ଅଜଣା ରୋଗ ହେତୁ ପ୍ରଥମେ ମୋ ଡ଼ାହାଣ ଗୋଡ଼ ଧୀରେ ଧୀରେ ସରୁ ହେବାକୁ ଲାଗିଲା। ୬ ମାସ ପରେ ପୁଣି ଅନ୍ୟ ଏକ ଗୋଡ଼ ଏହି ରୋଗର ଶିକାର ହେଲା। କ୍ରମେ ଦେହ, ଗୋଡ଼ ଓ ହାତ ଶୁଖିବାକୁ ଲାଗିଲା। ଧାର ଉଧାରକରି ପ୍ରଥମେ କାଶୀପୁର ବ୍ଲକର ନୂଆପଡ଼ା ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲି। ସେଥିରୁ କିଛି ସୁଫଳ ନ ମିଳିବାରୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲି। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର କିଛି ଅସୁବିଧା ନାହିଁ କହିବାରୁ ନିଜ ଘରକୁ ଚାଲି ଆସିଥିଲି। ତେବେ ଦିନକୁ ଦିନ ଦେହ ଅସୁସ୍ଥ ଲାଗି ରହିବାରୁ ପୁଣି ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲି। କୌଣସି ଶାରୀରିକ ଉନ୍ନତି ନ ହେବାରୁ ଘରକୁ ଚାଲିଆସିଲେ ବୋଲି ସଭା କହିଛନ୍ତି। ଏବେ ସଭାଙ୍କ ପକ୍ଷରେ ଚଲାବୁଲା କରିବା ସମ୍ଭବ ହେଉନାହିଁ। ତେଣୁ ମୋ ସ୍ତ୍ରୀ ପାଲାଇ ହିଁ ଶୌଚଠାରୁ ଆରମ୍ଭକରି ତାଙ୍କର ସବୁ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି। ସଭା ଭିନ୍ନକ୍ଷମ ଆଡ଼କୁ ଗତି କରୁଥିବାରୁ ତାଙ୍କୁ ଚିକିତ୍ସା ଓ ଭତ୍ତା ଯୋଜନାରେ ସାମିଲ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ଶଯ୍ୟାଶାୟୀ ସଭା।

## ଝାଙ୍କଡ ଦେଇ ମନ୍ଦିରରୁ ବାହାରିବ ପରବ ମଶାଲ

ଜୟପୁର, ୬।୧୧ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ପରବ ପାଳନ ନେଇ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବିଡିଓ ଶକ୍ତି ମହାପାତ୍ର, ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ. ନିଶାଙ୍କ ସମେତ ଅନ୍ୟ ଅଧିକାରୀ, ବ୍ଲକ ଉପାଧ୍ୟକ୍ଷ , ଜିଲା ପରିଷଦ ସଭ୍ୟା, ସରପଞ୍ଚ , ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୭ରେ ବ୍ଲକସ୍ତରୀୟ ପରବ କରିବାକୁ ସ୍ଥିର ହୋଇଛି। ଝାଙ୍କଡ ଦେଇ ମନ୍ଦିରରୁ ମଶାଲ ବାହାରି ଦଶହରା ପଡିଆରେ ପହଞ୍ଚିବ । ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ଏହା ପୂର୍ବରୁ ୧୩ରୁ ୧୬ଯାଏ ଫୁଟବଲ, ଭଲିବଲ ଟୁର୍ଣ୍ଣାମେଣ୍ଟ ଦଶହରା ପଡିଆରେ କରାଯିବ। ଛାତ୍ରୀମାନଙ୍କ ପାଇଁ କବାଡି ପ୍ରତିଯୋଗିତା ଆମ୍ବାଗୁଡା ହାଇସ୍କୁଲ ପରିସରରେ ହେବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଗ୍ରାମରେ ଚାଉଳ, ଭତ୍ତା ପ୍ରଦାନ ଦାବି

ଜୟପୁର, ୬।୧୧ (ପବନ ପାଣିଗ୍ରାହୀ)– କୋରାପୁଟ ଜିଲା କୁନ୍ଦୁରା ବ୍ଲକର କେରମିଟି ପଞ୍ଚାୟତର ଜବାପଦର ଗ୍ରାମରେ ଭତ୍ତା ଓ ଚାଉଳ ବଣ୍ଟନ କରିବାକୁ ଗ୍ରାମବାସୀ ଦାବି କରି ଉପଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି।ସେମାନେ ଏଥିରେ ଉଲ୍ଲେଖ କରିଛନ୍ତି ଯେ, କୁନ୍ଦୁରା ବ୍ଲକର କେରମିଟି ପଞ୍ଚାୟତରେ ବସବାସ କରୁଥିବା ୯ ଖଣ୍ଡ ଗ୍ରାମର ଗ୍ରାମବାସୀଙ୍କୁ କେରମିଟି ପଞ୍ଚାୟତରେ ସରକାରଙ୍କ ଚାଉଳ ଓ ଭତ୍ତ ପ୍ରଦାନ କରାଯାଉଛି। ଏହି ଗ୍ରାମବାସୀମାନେ କୋଲାବ ନଦୀରେ ଡଙ୍ଗାରେ ପାର ହୋଇ ୧୨ କି.ମି. ଯାଇ ଭତ୍ତା ଓ ଚାଉଳ ଆଣିବା କଷ୍ଟକର ହୋଇପଡୁଛି। ଭତ୍ତା ପାଇଁ ବୃଦ୍ଧାବୃଦ୍ଧମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପଞ୍ଚାୟତକୁ ଯିବାକୁ ମଧ୍ୟ କୌଣସି ଗାଡି ସୁବିଧା ନାହିଁ। ଏପରିସ୍ଥଳେ ଗ୍ରାମରେ ଥିବା ୫୩୭ ଜଣ ହିତାଧିକାରୀଙ୍କୁ ଜବାପଦର ଗ୍ରାମରେ ଥିବା ଗୋଷ୍ଠୀ ସ୍ୱାସଥ୍ୟକେନ୍ଦ୍ରରେ ଭତ୍ତା ଓ ଚାଉଳ ବଣ୍ଟନ କରିବାକୁ ୯ ଖଣ୍ଡ ଗ୍ରାମର ଗ୍ରାମବାସୀ ଦାବି କରିଛନ୍ତି।

## ୭ ଗୁଟଖା ପ୍ରସ୍ତୁତ ମେଶିନ ଜବତ, ୩ ଗିରଫ

**ନକଲି ଗୁଟ୍‌ଖା କାରଖାନା ଉପରେ ଚଢ଼ାଉ**

ନନ୍ଦପୁର, ୬।୧୧ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ଏସ୍‌ପିଙ୍କ ତତ୍ତ୍ୱାବଧାନରେ ନନ୍ଦପୁର ଉପଖଣ୍ଡ ଅଧୀନ ମାଛକୁଣ୍ଡ ପୋଲିସ ଲମତାପୁଟ ସଦର ମହକୁମାରେ ଭଡାଘରେ ଚାଲିଥିବା ଏକ ବେଆଇନ ଗୁଟଖା ପ୍ରସ୍ତୁତ କାରଖାନା ଠାବ କରି ସୋମବାର ଚଢାଉ କରିଛି। ୭ଟି ଗୁଟଖା ପ୍ରସ୍ତୁତ ମେଶିନ, ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ପ୍ରସ୍ତୁତ ଗୁଟଖା ଜବତ କରିଛି। ଘଟଣା ସ୍ଥଳରେ ଉପସ୍ଥିତ ତିନିଜଣ ଗୁଟ୍‌ଖା ପ୍ରସ୍ତୁତକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୋରାପୁଟ ଅଞ୍ଚଳର ପି. ସନ୍ତୋଷ, ମଧ୍ୟପ୍ରଦେଶ ଅଞ୍ଚଳର ସୁରଜ୍ କବର୍ତ୍ତି ଓ ଉତ୍ତର ପ୍ରଦେଶ ଅଞ୍ଚଳର ରବି ସୁକିଆ। ସମସ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ଏକ ଖବରଦାତା ସମ୍ମିଳନୀ କହିଛନ୍ତି।

ଖବରରୁ ଜଣାପଡିଛି, ଲମତାପୁଟ ବ୍ଲକ ସଦର ମହକୁମାରେ ଏକ ଭଡ଼ାଘର ନେଇ ଉପରୋକ୍ତ ୩ ଜଣ ଗୁଟଖା ପ୍ରସ୍ତୁତ କାରଖାନା ଚଳାଇ ଆସୁଥିଲେ। ପ୍ରସ୍ତୁତ ଗୁଟ୍‌ଖାକୁ ସେମାନେ ଲମତାପୁଟ, କୋରାପୁଟ, ନନ୍ଦପୁର, ସେମିଳିଗୁଡା, ଜୟପୁର ସମେତ ମାଲକାନଗିରି ଅଞ୍ଚଳରେ ବିକ୍ରି କରୁଥିଲେ। ଏନେଇ ଗୋଇନ୍ଦା ସୂଚନା ପାଇ ଏସ୍‌ପି ଅଭିନବ ସୋନକାର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଚଢାଉ ଲାଗି ୩ଟି ଟିମ୍ ଗଠନ କରାଯାଇଥିଲା। ଗୋଟିଏ ଦଳ ନନ୍ଦପୁର ଏସ୍‌ଡିପିଓ ମହାପାତ୍ର, ଦ୍ୱିତୀୟ ଟିମ୍ ସୁନାବେଡା ଏସଡିପିଓ ମନୋଜ ବେହେରା ଓ ତୃତୀୟ ଟିମ୍ ମାଛକୁଣ୍ଡ ଥାନାଧିକାରୀ ଡି. ବଡ୍ରିଆଙ୍କ ନେତୃତ୍ୱରେ ଗଠିତ ହୋଇଥିଲା। ଏହି ୩ ଟିମ୍ ସୋମବାର କାରଖାନା ଉପରେ ଚଢାଉ କରିଥିଲେ। ୭ଟି ଗୁଟଖା ପ୍ରସ୍ତୁତ ମେଶିନ, ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ପ୍ରସ୍ତୁତ ପାଇଁ ରଖାଯାଇଥିବା ସାମଗ୍ରୀ ଏବଂ ହଜାର ହଜାର ସଂଖ୍ୟାରେ ପ୍ରସ୍ତୁତ ଗୁଟଖା ପ୍ୟାକେଟ ଜବତ ହୋଇଥିଲା। ଉପରୋକ୍ତ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଏନେଇ ମାଛକୁଣ୍ଡ ଥାନାରେ କେସ ନଂ ୧୪୨/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଥାନା ଅଧିକାରୀ ବଡ୍ରିଆଙ୍କ ତତ୍ତ୍ୱାବଧାନରେ ଲମତାପୁଟ ଫାଣ୍ଡି ଏସ୍‌ଆଇ ଚିତ ରଞ୍ଜନ ପ୍ରଧାନି ତଦନ୍ତ ଦାୟିତ୍ୱରେ ଅଛନ୍ତି ବୋଲି ଏସଡିପିଓ ମହାପାତ୍ର କହିଛନ୍ତି। ଗିରଫ ତିନି ଅଭିଯୁକ୍ତ ବ୍ରହ୍ମପୁର ଅଞ୍ଚଳରୁ ମେଶିନ ଓ ସାମଗ୍ରୀ ଆଣି ଏଠାରେ ଗଟ୍‌ଖା ପ୍ରସ୍ତୁତ କରୁଥିବା ସ୍ୱୀକାର କରିଛନ୍ତି। ତେବେ ଗିରଫ ୩ଜଣ କେବଳ ପ୍ରସ୍ତୁତକାରୀ। ଏହାର ମାଲିକ ଅନ୍ୟଜଣେ ବୋଲି ପୋଲିସ ସନ୍ଦେହ କରୁଛି।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୬।୧୧ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ରାଣୀଗଡଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି, ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଉପସ୍ଥିତ ଗ୍ରାମବାସୀମାନେ ନୂତନ ରାସ୍ତା, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ନେଇ ବିଭାଗୀୟ ଅଧିକାରୀମାନଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଡିଓ ଶକ୍ତି ମହାପାତ୍ର,ଏବିଡିଓ ମନୋଜ ନାୟକ, ଜିପିଓ ପ୍ରଶାନ୍ତ ମିଶ୍ର, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ.ନିସା, ସରପଞ୍ଚ ଲଛମନ ହାଲବା, ସମିତିସଭ୍ୟା ତୁଳଶା ମୁଦୁଲି, ଜିଆରଏସ୍, ସ୍ୱାସ୍ଥ୍ୟ, ହଟିକଲଚର, କୃଷି ବିଭାଗ ସହ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ସରକାରୀ ଯୋଜନାରୁ ଲୋକେ କିଭଳି ସୁଫଳ ପାଇ ଉପକୃତ ହେବେ ସେନେଇ ଅଧିକାରୀମାନେ ଗ୍ରାମବାସୀଙ୍କୁ ଅବଗତ କରାଇ ସ ;ଚେତନ କରିଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ସେବା ଶିର ହୋଇଥିଲା। ଗ୍ରାମବାସୀ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ନେଇଥିଲେ।

## ସଂକ୍ଷେପରେ

### ଫେବୃୟାରୀରେ ୧୦୮ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ

ସ୍ଥାନ ପରିଦର୍ଶନ କଲେ ହରିଦ୍ୱାର ଓଡ଼ିଶା ମୁଖ୍ୟ

**ଚନ୍ଦାହାଣ୍ଡି, ୬।୧୧(ଦିଲୀପ ଦାସ)**



ଆସନ୍ତା ଫେବୃଆରୀ ମାସ ୨,୩,୪,୫ରେ ୪ ଦିନଧରି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସଦର ମହକୁମା ଗାୟତ୍ରୀ ମନ୍ଦିର ପରିସରରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସହ, ଗାୟତ୍ରୀ ଶକ୍ତିପୀଠର ପ୍ରାଣ ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେବ। ଏଥିରେ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟ ହରିଦ୍ୱାର ଉପକୁଳପତି ଡକ୍ଟର ଚିନ୍ମୟ ପଣ୍ଡା ଓ ସେଠାରୁ ଆସିଥିବା ଋଷି ପୁତ୍ରମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ ବୋଲି ଗାୟତ୍ରୀ ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ଯଜ୍ଞ କିପରି ସୁରୁଖୁରୁରେ ସମ୍ପାଦନ ହେବ ଏଥିପାଇଁ ଶାନ୍ତିକୁଞ୍ଜ ହରିଦ୍ୱାରର ଓଡ଼ିଶା ମୁଖ୍ୟ ବଳରାମ ସାହୁ, ଶେଷଦେବ ବଳେ ଏବଂ ମଙ୍ଗଳ ସିଂ ଗଡ଼ୱାଲ ଦୁଇଦିନ ଧରି ଚନ୍ଦାହାଣ୍ଡି ଆସି ଯଜ୍ଞସ୍ଥଳ, ଭୋଜନାଳୟ, ଋଷିପୁତ୍ର ମାନଙ୍କ ଆବାସ ପରିଦର୍ଶନ ସହ ରେକର୍ଡପତ୍ର ଯାଞ୍ଚ କରିଥିଲେ। ଯଜ୍ଞ ଓ ଶକ୍ତି ପୀଠର ପ୍ରାଣ ପ୍ରତିଷ୍ଠା ଉତ୍ସବ ରେ ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ନୂଆପଡ଼ା ଜିଲା ସହ ଛତିଶଗଡ଼ରୁ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ଗାୟତ୍ରୀ ପରିବାର ସଦସ୍ୟ ଯୋଗଦେବେ। ଯଜ୍ଞ କିପରି ସୁରୁଖୁରୁରେ ସମ୍ପାଦନ ହେବ ସେ ସମ୍ପର୍କରେ ଚନ୍ଦାହାଣ୍ଡି ଗାୟତ୍ରୀ ପରିବାର ସହ ଆଲୋଚନା କରିଥିଲେ। ଏଥିରେ ଚନ୍ଦାହାଣ୍ଡି ଗାୟତ୍ରୀ ପରିବାରର ମଧୁକର ଦାଶ, କୈବଲ୍ୟ ମାଝି, ହୁସିଆର ବିଶି, ଘନଶ୍ୟାମ ଗୌଡ଼, ମଧୁସୂଦନ ନାୟକ, ମହିନ୍ଦ୍ର ନାୟକ, ଅନ୍ତରାମ ଢୁଏଡ଼, ପତିରାମ ଢୁଏଡ଼, ଦେବିରାମ ଗହୀର, ମହେଶ୍ୱର ଗୋପାଳ, ରିଖିରାମ ଚିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

### ପରିବେଶ ସ୍ୱଚ୍ଛ ରହିଲେ ସମାଜ ସ୍ୱଚ୍ଛ ହେବ

ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ପାପଡ଼ାହାଣ୍ଡି, ୬।୧୧(ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ବ୍ଲକ ବ୍ରାହ୍ମଣ ସମାଜ ସଭାପତିଙ୍କ ନେତୃତ୍ୱରେ ସମାଜର ସମସ୍ତେ ଉପସ୍ଥିତ ଥିଲେ। ମନ୍ଦିର ପରିସରରେ ରହିଥିବା ଅଳିଆ ଆବର୍ଜନା ସଫା କରାଯାଇଥିଲା। ପରିବେଶ ସ୍ୱଚ୍ଛ ରହିଲେ ସମାଜ ସ୍ୱଚ୍ଛ ହେବ ବୋଲି ବ୍ରାହ୍ମଣ ସମାଜ ପକ୍ଷରୁ କୁହାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମରେ ପଦ୍ମନ କୁମାର ପଣ୍ଡା, ସୁରେଶ ଚନ୍ଦ୍ର ମିଶ୍ର, ପ୍ରଦୀପ ପାଣିଗ୍ରାହୀ, ତପନ ରଥ, ପୂର୍ଣ୍ଣଚନ୍ଦ୍ର ନାୟକ, ସୁନୀଲ ଘଣ୍ଟ, ସିବୁନ ସାବତ, ଆଶୁତୋଷ ପାଣିଗ୍ରାହୀ, ଓଁକାର ତ୍ରିପାଠୀ, ବାପି ତ୍ରିପାଠୀ ସହଯୋଗ କରିଥିଲେ।

# ଭୋଟର ସଚେତନତା ରଥ ଉଦ୍‌ଘାଟିତ

**ମାଲକାନଗିରି, ୬।୧୧(ଦୁର୍ଯ୍ୟୋଧନ ପାତ୍ର)**



ଭୋଟର ସଚେତନତା ରଥ ଉଦ୍‌ଘାଟନ କରାଯାଉଛି ।

ଜିଲା ପ୍ରଶାସନ ପକ୍ଷରୁ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ୨୦୨୪ ବର୍ଷ ପାଇଁ ନୂତନ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଅଭିଯାନ ନେଇ ଆଜି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଭୋଟର ସଚେତନତା ରଥ ଉଦ୍‌ଘାଟନ ହୋଇଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିଶାଳ ସିଂ ଏହି ସଚେତନତା ରଥ ଉଦ୍‌ଘାଟନ କରିଥିବା ବେଳେ ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ, ତ୍ରିନାଥ ମାଝୀ ଅତିରିକ୍ତ ଜିଲାପାଳ ସାଧାରଣ, ଜିଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳ ଡ.ଅକ୍ଷୟ କୁମାର ଖେମୁଣ୍ଡୁ ଉପସ୍ଥିତ ଥିଲେ। ଯେପରି ଅଧିକରୁ ଅଧିକ ଭୋଟର ଏବଂ ଯୁବ ଭୋଟରମାନେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଜୀକରଣ କରିବେ ସେଥିନିମନ୍ତେ ଜିଲାପାଳ ସିଂ ଗୁରୁତ୍ୱାରୋପ କରିଥିଲେ। ଏହି ଭୋଟର ସଚେତନତା ରଥ ମୁଖ୍ୟତଃ ନୂତନ ଭୋଟରମାନଙ୍କୁ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ଭୋଟର ତାଲିକାରେ ସଂଶୋଧନ ଇତ୍ୟାଦି ପାଇଁ ଏହା ସମସ୍ତଙ୍କୁ ସଚେତନ କରାଇବ । ୧୭ ବର୍ଷରୁ ଉର୍ଦ୍ଧ୍ୱ ଯୁବତୀ ଯୁବକଙ୍କୁ ଭୋଟର ତାଲିକାରେ ନାମ ଯୋଡ଼ିବା ପାଇଁ ୫, ୧୧, ୧୯ ଓ ୨୫ ନଭେମ୍ବରରେ ସ୍ୱତନ୍ତ୍ର ପ୍ରଚାର ଦିବସର ଆୟୋଜନ କରାଯାଇଛି। ଏଥିନିମନ୍ତେ ନୂତନ ଭୋଟର ନିକଟସ୍ଥ ବୁଥ୍‌କୁ ଯାଇ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ। ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୪ କାର୍ଯ୍ୟକ୍ରମ ୨୭ ଅକ୍ଟୋବରରେ ଆରମ୍ଭ ହୋଇଯାଇଛି। ୯ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ଚାଲୁ ରହିବ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଜନଜାତି ପାରମ୍ପରିକ ଚିତ୍ରକଳା ପ୍ରତିଯୋଗିତା

**ମାଲକାନଗିରି, ୬।୧୧(ଦୁର୍ଯ୍ୟୋଧନ ପାତ୍ର)**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲା ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜନଜାତି ପାରମ୍ପରିକ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଆଶ୍ରମ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ, କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ସର୍ବମୋଟ ୮୧ ଜଣ ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନା ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ନିରୀକ୍ଷକ (ମଙ୍ଗଳ ବିଭାଗ) ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଯୋଗ ଦେଇଥିଲେ। ବରିଷ୍ଠ ବିଭାଗରେ ରବି ଖରା, କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ଓ କନିଷ୍ଠ ବିଭାଗରେ ଯୁବେନ ବଡ଼ନାୟକ, ଖଇରପୁଟ ଆଶ୍ରମ ବିଦ୍ୟାଳୟ ଛାତ୍ର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ଉନ୍ନୀତ ହୋଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଭାଗର ବରିଷ୍ଠ ଶିକ୍ଷକ ବୁଦ୍ରା କବାସୀ, ବସନ୍ତ କୁମାର ମହାପାତ୍ର, ରଘୁନାଥ ନାୟକ, କବିରାଜ ପ୍ରଧାନ, ଉମାଚରଣ ପଟ୍ଟନାୟକ ଓ ଚିତ୍ତରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ବିଚାରକ ଭାବେ ସୁବାସ ସୋଡି ଓ କେ. ଦେଶିରାଜୁ ଆଚାରୀ ଯୋଗ ଦେଇଥିଲେ।




ଚିତ୍ରକଳା ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ ।

# ଜିଲାସ୍ତରୀୟ ସୁରଭିରେ କୃତିତ୍ୱ

**ମାଲକାନଗିର,୬।୧୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ସଦର ମହକୁମା ସ୍ଥାନୀୟ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ଜିଲାସ୍ତରୀୟ ସୁରଭି ପ୍ରତିଯୋଗିତାରେ ଆପନମାଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସପ୍ତମ ଶ୍ରେଣୀ ଛାତ୍ରୀ ଭାଗ୍ୟଲକ୍ଷ୍ମୀ ପାତ୍ର ସୃଜନଶୀଳ ଲିଖନରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜିଲାର ୭ ବ୍ଲକରୁ ଆସିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ସୁସ୍ଥ ଓଡିଶା ସୁଖୀ ଓଡିଶା ବିଷୟରେ ସୃଜନଶୀଳ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଗ୍ୟଲକ୍ଷ୍ମୀ ପାତ୍ର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ନଭେମ୍ବର ୧୪ ରୁ ୧୭ ପର୍ଯ୍ୟନ୍ତ ୩ ଦିନବ୍ୟାପୀ ରାଜ୍ୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମାହାଲିଙ୍କ ତତ୍ତ୍ୱାବଧାନ ଏବଂ ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ଶ୍ରଦ୍ଧାଳୀ ମଲ୍ଲିକ, ରଶ୍ମିତା ନାଲି ଓ ପ୍ରଭଞ୍ଜନା ସ୍ୱାଇଁଙ୍କ ମାର୍ଗଦର୍ଶନରେ ୩ ଜଣ ଛାତ୍ରୀ ଜିଲାସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ।




ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ।

ସୁରଭି ମାଧ୍ୟମରେ ଛାତ୍ରୀଛାତ୍ରମାନେ ନିଜର ଲୁକାୟିତ ପ୍ରତିଭା ପ୍ରତିପାଦନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ପାରୁଥିବାରୁ ଦିନକୁ ଦିନ ଏହି କାର୍ଯ୍ୟକ୍ରମର ଲୋକପ୍ରିୟତା ବୃଦ୍ଧି ପାଇଛି। ଜିଲା ଶିକ୍ଷାଧିକାରୀ ମାନସ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ସମ୍ମାନିତ ଅତିଥି ସହକାରୀ ଜିଲା ଦଣ୍ଡାଧିକାରୀ ତ୍ରିନାଥ ମାଝି ଯୋଗ ଦେଇ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟର ୩ ଛାତ୍ରୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଭିନ୍ନ ବର୍ଗରେ ଜଣେ ପ୍ରଥମ ଏବଂ ଅନ୍ୟ ୨ ଜଣ ତୃତୀୟ ସ୍ଥାନ ହାସଲ କରିଥିବାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଞ୍ଜନ ଚୌଧୁରୀ ଏବଂ ସିଆରସିସି ନିତାଇ ରାୟ ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଜଣାଇଛନ୍ତି ।

## ଦୁଇ ବାଇକ ମୁହାଁମୁହିଁ, ୩ ଗୁରୁତର

**ପାପଡ଼ାହାଣ୍ଡି, ୬।୧୧ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ଅଧୀନ ଟୋଷରବାଡ଼ ଛକ ନିକଟରେ ୨ ବାଇକ ମୁହାଁମୁହିଁ ଧକ୍କାରେ ୩ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ ନବରଙ୍ଗପୁର ଜିଲା ଝରିଗାଁ ଗ୍ରାମର ଅଶୋକ ଶତପଥୀ ଓ ଦେବେନ୍ଦ୍ର ବେହେରା ଏକ ବାଇକ (ଓଡ଼ି-୨୪ଏଚ୍-୨୮୦୬)ରେ ନବରଙ୍ଗପୁର ଯାଉଥିଲେ। ଏହି ସମୟରେ ଏକ ବାଇକ ଯୋଗେ ଇନ୍ଦ୍ରାବତୀ ଅଞ୍ଚଳରୁ ଆସୁଥିବା ବଙ୍ଗଳାଗୁଡା ଗ୍ରାମର ମଣ୍ଟୁ ଭତରାଙ୍କ ଗାଡ଼ି ସହ ପାପଡ଼ାହାଣ୍ଡି ଟୋଷରବାଡ଼ ଛକ ନିକଟରେ ଉଭୟ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଗାଡ଼ିର ଥିବା ସମସ୍ତେ ପଡ଼ିଯାଇଥିଲେ। ଗ୍ରାମବାସୀ ଓ ପୋଲିସ ଅଶୋକ ଓ ଦେବେନ୍ଦ୍ରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମଣ୍ଟୁଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# କ୍ଷମା ପ୍ରାର୍ଥନା ଦାବିକଲା ବିଶ୍ୱ ହିନ୍ଦୁ ପରିଷଦ

**ନବରଙ୍ଗପୁର,୬।୧୧(ସଦାଶିବ ପ୍ରହରାଜ)**

ଚଳିତ ବର୍ଷ ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ପ୍ରଶ୍ନ ପତ୍ରରେ ହିନ୍ଦୁ ଧର୍ମ, ସଂସ୍କୃତି , ସମାଜ ଓ ରାଜନୀତି ସହ ଜଡିତ ରାମରାଜ୍ୟ ବିଷୟରେ ଏକ ବିବାଦମାନ ବିଷୟ ରହିଛି ବୋଲି ବିଶ୍ୱ ହିନ୍ଦୁ ପରିଷଦ ଅଭିଯୋଗ କରିଛି। ପୂର୍ବ ପ୍ରସ୍ତୁତ ଏକ କଥାବସ୍ତୁର ବିଚ୍ଛିନ୍ନ ଏ ଅନୁଚ୍ଛେଦରେ ରାମରାଜ୍ୟ କଳ୍ପନା ପ୍ରସୂତ, ବିଦେଶୀ ଶାସକଙ୍କୁ ନିନ୍ଦିତ କରିବାର ଆୟୁଧ ତଥା ଆଧୁନିକ ବିଜ୍ଞାନର ଧାରାକୁ ରୋକିବାର ଏକ ଅନ୍ଧ ବିଶ୍ୱାସ ବୋଲି ଲେଖାଯାଇଛି। ଏହାକୁ ନବରଙ୍ଗପୁର ବିଶ୍ୱହିନ୍ଦୁ ପରିଷଦ ନିନ୍ଦା କରିଛି। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଆସ୍ଥାକୁ ଅପମାନିତ କରିଛନ୍ତି ତାହାର ସ୍ପଷ୍ଟୀକରଣ ଦେବା ଉଚିତ। ଶ୍ରୀ ରାମ, ରାମାୟଣ, ରାମରାଜ୍ୟ ଭାରତୀୟ ସମାଜ ଶାସନ ସଂସ୍କୃତି ଓ ଜୀବନଧାରା ସହ ଅଙ୍ଗେଅଙ୍ଗେ ଜଡ଼ିତ। ଏଥିପାଇଁ ବିଭାଗ କ୍ଷମା ପ୍ରାର୍ଥନା ନ କଲେ ଆଗାମୀ ଦିନରେ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ବିଶ୍ୱହିନ୍ଦୁ ପରିଷଦର ସର୍ବେଶ୍ୱ ତ୍ରିପାଠୀ, ଆନନ୍ଦ ରାଞ୍ଜ,ବୁଲୁ ରଥ, ପ୍ରଶାନ୍ତ ରଥ, ବସନ୍ତ ପାତ୍ର, ଶଶିରେଖା ପଟ୍ଟନାୟକ, ଅମ୍ବିକା ପ୍ରଧାନ, ଗୀତାଞ୍ଜଳି ମହାପାତ୍ର କହିଛନ୍ତି।




# ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଭଗବଦ୍ ଗୀତା ଆବୃତ୍ତି

**ମାଥିଲି,୬।୧୧(ସୁବାସ ଚନ୍ଦ୍ର ଖୁଡୁପିଆ)**

ଆଶ୍ରମ ବିଦ୍ୟାଳୟ ଖଇରପୁଟରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଖଇରପୁଟ ବ୍ଲକର ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଭଗବଦ୍ ଗୀତା ଆବୃତ୍ତି ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଂଯୋଜକ ଏଲ. ରାମନାଥ ଓ ରାଜ୍ୟ ସଂଯୋଜକ ଗୋପବନ୍ଧୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଜ୍ଞାନ ମିଶନ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ନେଇ ଭାଗବତ ଗୀତାର ତୃତୀୟ ଅଧ୍ୟାୟ କର୍ମଯୋଗ ଶ୍ଲୋକଗୁଡ଼ିକ ଆବୃତ୍ତି କରାଯିବା ସହ ଗ୍ରୁପ 'କ' ବିଭାଗରେ ଶ୍ରେୟଶୀ ତ୍ରିପାଠୀ ପ୍ରଥମ, 'ଖ' ରେ ନିରଞ୍ଜନ ଚଲଣ, 'ଗ' ରେ ପ୍ରମିଳା ଦୁରା ପ୍ରଥମ ସ୍ଥାନ ଅଧିକାର କରିବା ସହ ପ୍ରମାଣପତ୍ର ହାସଲ କରି ଜିଲାସ୍ତରକୁ ଉନ୍ନୀତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ବିଭୁଦତ୍ତ ତ୍ରିପାଠୀ ପରିଚାଳନା କରିବା ସହ କେ. କ୍ରିଷ୍ଣା ରାଓ, ସୌମ୍ୟରଞ୍ଜନ ସାହୁ, ରଘୁନାଥ ମୁଦୁଲି ଓ ଶର୍ମିଷ୍ଠା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭଗବଦ୍ ଗୀତାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ।



ଗୀତା ଆବୃତ୍ତି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରମାନେ ।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି

**ନବରଙ୍ଗପୁର,୬।୧୧(ସଦାଶିବ ପ୍ରହରାଜ)**

ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଛି। ଏଥିରେ ୫୮ ଜଣ ଅଭିଯୋଗ ଜଣାଇବାକୁ ନାମ ପଞ୍ଜିକରଣ କରିଥିଲେ। ଏଥିରେ ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା ପାଇଁ ଯାଇଥିବା ଜମିର ଅନୁକମ୍ପା ରାଶି ପ୍ରଦାନ, ସ୍କୁଲରେ ଆବଶ୍ୟକ ଶ୍ରେଣୀ ଗୃହ ନିର୍ମାଣ, ଡାକ୍ତରୀ ଚିକିତ୍ସା, ଉଚ୍ଚ ଶିକ୍ଷା, ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କ ପାଇଁ ସହାୟତା, ଚେକ୍ ଡ୍ୟାମ ନିର୍ମାଣ ଜମି ବିବାଦ, ବଦଳି, ନିଯୁକ୍ତି ସୁଯୋଗ, ଜମି ପଟ୍ଟା ଆଦି ସମସ୍ୟାର ଆପତ୍ତି ଅଭିଯୋଗକୁ ଜିଲାପାଳ କମଳ ଲୋଚନ ମିଶ୍ର ଶୁଣାଣି କରି ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଏସ୍ ସୁଶ୍ରୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ପିଏ ଆଇଟିଡିଏ ରାଜୀବ କୁମାର ସାହୁ, ବିଡିଓ ସୁନୀଲ ଖରା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ମଳୟ କୁମାର ତ୍ରିପାଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲା ମୁଖ୍ୟ କୃଷି ଅଧିକାରୀ ଜି.ଭେଙ୍କଟ ରେଡ୍ଡୀ, ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଜିଲା ଶ୍ରମ ଅଧିକାରୀ ରାଜକିଶୋର ବେହେରା, ଜିଲା ମଙ୍ଗଳ ଅଧିକାରୀ ପାଲାକା ରବିନ୍ଦ୍ର, ଡିଆଇପିଆର୍‌ଓ ହଳଧର ନିଆଲ, ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବର୍ଷି ନାୟକ, ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ୍ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଡେପୁଟେଶନରେ ଗୁଣପୁର ଯିବେ ଶିଶୁରୋଗ ବିଶେଷଜ୍ଞ

**ଗୁଡ଼ାରି,୬।୧୧ (ପ୍ରମୋଦ କୁମାର ପତି)**

ଗୁଡ଼ାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ସିଦ୍ଧାର୍ଥ ଶଙ୍କର ପତି ଗୁଣୁପୁର ଉପଖଣ୍ଡସ୍ତରୀୟ ମେଡ଼ିକାଲକୁ ପ୍ରତି ସପ୍ତାହର ସୋମବାର ଓ ମଙ୍ଗଳବାର ଡେପୁଟେଶନରେ ଯିବେ ବୋଲି ସିଡିଏମଓ ଚିଠି କରିଛନ୍ତି। ଏହି ଘଟଣା ଜାଣିବା ପରେ ସହରବାସୀ ଏହାକୁ ଦୃଢ଼ ବିରୋଧ କରିବା ସହ ଏହି ଚିଠିକୁ ରଦ୍ଦ କରିବା ନିମନ୍ତେ ସିଡିଏମଓଙ୍କ ନିକଟରେ ଦାବି କରିଛନ୍ତି। ୧୯୬୧ରେ ଗୁଡ଼ାରି ମେଡ଼ିକାଲ ସ୍ଥାପନ ହୋଇଥିଲା। କିନ୍ତୁ ଗତ ୨୯।୦୮।୨୦୨୩ରେ ଏଠାରେ ଜଣେ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଥିଲେ। ଏହି ପଦବୀ ପୂରଣ ହେବା ପରେ ଅଞ୍ଚଳରେ ଖୁସିର ବାତାବରଣ ସୃଷ୍ଟି ହୋଇଥିଲା। କିନ୍ତୁ ଡାକ୍ତରଙ୍କୁ ହଠାତ ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟକୁ ବଦଳି କରାଯିବ ବୋଲି ଶୁଣିବା ପରେ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ଏହି ଡାକ୍ତରଙ୍କ ଗୁଣୁପୁର ଡେପୁଟେଶନ ରଦ୍ଦ ନ ହୁଏ ତେବେ ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଇବ ବୋଲି ସହରର 'ୟୁଥ ଫର ଚେଞ୍ଜ' ଯୁବ ଗୋଷ୍ଠୀର ସଦସ୍ୟମାନେ କହିଛନ୍ତି। ଖୁବଶୀଘ୍ର ଗୁଡ଼ାରି ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗୁଡ଼ାରିକୁ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତରଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

# ମୋ ଜଙ୍ଗଲ ଜମି ଯୋଜନା କାର୍ଯ୍ୟକାରୀ ନେଇ ପ୍ରସ୍ତୁତି ବୈଠକ

**ଡାବୁଗାଁ, ୬।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ମୋ ଜଙ୍ଗଲ ଜମି ଯୋଜନା କାର୍ଯ୍ୟକାରୀ ନେଇ ଏକ ପ୍ରସ୍ତୁତି ବୈଠକ ବିଡିଓ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଜଙ୍ଗଲ ଅଧିକାର କମିଟି ଗଠନ ଓ ପୁନଃର୍ଗଠନ, ସ୍ୱତନ୍ତ୍ର ଗ୍ରାମ ସଭା ଆୟୋଜନ, ବ୍ୟକ୍ତିଗତ ଗୋଷ୍ଠୀଗତ ଓ ଗୋଷ୍ଠୀଗତ ସମ୍ବଳ ଅଧିକାର ଦାବି ସଂଗ୍ରହ, ଜଙ୍ଗଲ ଗ୍ରାମ ଓ ଅଣ ସର୍ବେକ୍ଷଣ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ପ୍ରଚାର ଓ ପ୍ରସାର କରିବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ତହସିଲଦାର ସଦାଶିବ ଭତ୍ରା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ. ଡି ପ୍ରସାଦ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଡାବୁଗାଁ ରାଜସ୍ୱ ନୀରିକ୍ଷକ ଚୈତନ୍ୟ ବେହେରା, ଘୋଡ଼ାଖୁଣ୍ଟା ରାଜସ୍ୱ ନିରୀକ୍ଷକ ଗଙ୍ଗା ମହାକୁଡ, ଜୁନାପାଣି ଅତିରିକ୍ତ ରାଜସ୍ୱ ନିରୀକ୍ଷକ ନିଶାରାଣୀ ପଟ୍ଟନାୟକ, ଡ଼ଙ୍ଗରୀଗୁଡ଼ା ସରପଞ୍ଚ ରାମକୁମାର ଗଣ୍ଡ, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ଅଞ୍ଚଳା ସରପଞ୍ଚ ରମେଶ ମାଝି, ମେଦନା ସରପଞ୍ଚ ସୁମିତ୍ରା ମାଝି, ବୋରିଗାଁ ସରପଞ୍ଚ ଶୁକ୍ର ଭତ୍ରା, ବନପାଳ ଉମାକାନ୍ତ ପଟ୍ଟନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାକର ମୁଦୁଲି, ପର୍ଶୁରାମ ମାଳୀ, କାଳୀପଦ କୀର୍ତ୍ତନିଆ, ହଳଧର ଜାନୀ, ବନରକ୍ଷୀ ରୀତାରାଣୀ ବିଶ୍ୱାସରାୟ, ସରସ୍ୱତୀ ମେହେର ଓ ମନୋରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ସଂକୀର୍ତ୍ତନ ସତ୍ୟାଗ୍ରହ କରିବ କଂଗ୍ରେସ

**ନବରଙ୍ଗପୁର,୬।୧୧(ସଦାଶିବ ପ୍ରହରାଜ)**

- କଂଗ୍ରେସର ଖବରଦାତା ସମ୍ମିଳନୀ
- ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା ଦାବି

ରାଜ୍ୟ ସରକାର ଓଡ଼ିଶା ଓ ଓଡ଼ିଶା ବାହାରିଥିବା ଲକ୍ଷାଧିକ ଜଗନ୍ନାଥ ଭକ୍ତଙ୍କ ଭାବାବେଗକୁ ବାରମ୍ବାର କୁଠାରଘାତ କରୁଛନ୍ତି। ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ନଭେମ୍ବର ୯ ତାରିଖ ଗୁରୁବାର ଜିଲାର ସମସ୍ତ ବ୍ଲକ, ପୋରାଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିର ସମ୍ମୁଖରେ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସଂକୀର୍ତ୍ତନ ସତ୍ୟାଗ୍ରହ କରାଯିବ ବୋଲି କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀ କରି ଦଳର ଜିଲା ସଭାପତି ମୁନା ତ୍ରିପାଠୀ କହିଛନ୍ତି।

ଅକ୍ଟୋବର ୧୬ରେ ରାଜ୍ୟ କଂଗ୍ରେସ ପକ୍ଷରୁ ଏକ ବିରାଟ ଜନଆନ୍ଦୋଳନ ଶରଧା ବାଲିରୁ ବାହାରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ୬ ଦଫା ଦାବି ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଶ୍ରୀମନ୍ଦିରର ୪ ଦ୍ୱାରକୁ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଖୋଲିବା, ରତ୍ନଭଣ୍ଡାରର ଗଣତି ଓ ମଣତି କାର୍ଯ୍ୟ ଆରମ୍ଭ କରିବାକୁ ଦାବିପତ୍ରରେ ଉଲ୍ଲେଖ ଥିଲା। ବେଦାନ୍ତ ଅଧିଗ୍ରହଣ କରିଥିବା ଜଗନ୍ନାଥଙ୍କ ଅମୃତମୋଣହୀ ଜମି ଏବଂ ଚାଷୀମାନଙ୍କ ଚାଷ ଜମିକୁ ଫେରାଇବା, ପୁରୀର ଭୂମିହୀନ ସେବାୟତଙ୍କୁ ଜମି ପ୍ରଦାନ ସହିତ ୮୦ ହଜାର ପୁରୀ ବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରିବାକୁ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଅକ୍ଟୋବର ୨୮ ପର୍ଯ୍ୟନ୍ତ ସମୟ ଦେଇଥିଲେଥ ତେବେ ସରକାର କଂଗ୍ରେସର ଦାବିକୁ ଗ୍ରହଣ କଲେ ନାହିଁ। କାର୍ତ୍ତିକ ମାସରେ ସାରା ଓଡ଼ିଶା ଏବଂ ଓଡ଼ିଶା ବାହାରୁ ଲକ୍ଷାଧିକ ହବିଷ୍ୟାଳି ଓ ଭକ୍ତମାନେ ଜଗନ୍ନାଥ ଦର୍ଶନ ପାଇଁ ପୁରୀକୁ ଆସୁଛନ୍ତି। ଦିନ ଦିନ ଧରି ଅପେକ୍ଷା କଲାପରେ ମଧ୍ୟ ଜଗନ୍ନାଥଙ୍କୁ ଦର୍ଶନ କରିପାରୁ ନାହାନ୍ତି। କ୍ଷୋଭ ଓ କୋହଭରା କଣ୍ଠରେ ସେମାନେ ଜଗନ୍ନାଥଙ୍କୁ ଦର୍ଶନ ନ କରି ଫେରିଯାଉଛନ୍ତି। ଏହା ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ପ୍ରତି ଏକ ବଡ଼ କୁଠାରଘାତ ବୋଲି ଜିଲା ସଭାପତି ମୁନା ତ୍ରିପାଠୀ କହିଛନ୍ତି। ସରକାର କାହାର ସ୍ୱାର୍ଥ ପୂରଣ କରିବାପାଇଁ ଭକ୍ତ ଓ ଭଗବାନ ମଧ୍ୟରେ ଏକ ପାଚେରୀ ହୋଇ ଛିଡ଼ାହୋଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଧର୍ମ ମାସରେ ଭକ୍ତମାନଙ୍କୁ ମନ୍ଦିରକୁ ଅନାୟଶରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଦାୟିତ୍ୱ ନିର୍ବାହ ପରିବର୍ତ୍ତେ ଦ୍ୱାର ବନ୍ଦ କରି କହିବା ଏହା ଜଗନ୍ନାଥ ସଂସ୍କୃତି ବିରୋଧି। ରାଜ୍ୟ ସରକାର ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପକଳ୍ପକୁ ଆଳକରି ୩ ବର୍ଷରୁ ଅଧିକ ସମୟ ହେଲାଣି ମାତ୍ର ଏ ପର୍ଯ୍ୟନ୍ତ ସମୁଦାୟ ପ୍ରକଳ୍ପର ୧୦ ଭାଗ କାମ ମଧ୍ୟ ହୋଇନାହିଁ। ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଆସନ୍ତା ନଭେମ୍ବର ୯ ତାରିଖ ଗୁରୁବାର ଦିନ ଜିଲାର ସମସ୍ତ ବ୍ଲକ, ପୋରାଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିର ସମ୍ମୁଖରେ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସଂକୀର୍ତନ ସତ୍ୟାଗ୍ରହ କରାଯିବ ବୋଲି ଜିଲା ସଭାପତି ତ୍ରିପାଠୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଆଦିବାସୀ କଂଗ୍ରେସ ସଭାପତି ଦିଲ୍ଲୀପ ପ୍ରଧାନୀ, ଆଇଏନ୍‌ଟିୟୁସି ତଥା ସରପଞ୍ଚ ଦିବାକର ପୂଜାରୀ, ମୁଖପାତ୍ର ଦେବକାନ୍ତ ପଣ୍ଡା, ବ୍ଲକ ସଭାପତି ଅବଦୁଲ ଫିରୋଜ, ବିଧାନସଭା ଯୁବ କଂଗ୍ରେସ ସଭାପତି ସୁରଜ ଲାଲ ଓ ପ୍ରକାଶ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

**ପୁଣି ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ**

ରାୟଗଡ଼ା,(ଆଶିଷ ରଞ୍ଜନ ପଣ୍ଡା)-ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୋମବାର ୩୬ଟି ଜିଲାର ସାଂଗଠନିକ ଦାୟିତ୍ୱ ପାଇଁ ଜିଲା ସଭାପତି ଘୋଷଣା କରିଛନ୍ତି । ରାୟଗଡ଼ା ଜିଲା ସଭାପତି ଭାବେ ପୁର୍ନବାର ଶିବ ପ୍ରସାଦ ପଟ୍ଟନାୟକ ସଭାପତି ଭାବେ ମନୋନୀତ ହୋଇଛନ୍ତି । ଏହି ଘୋଷଣା ପରେ ଶିବଙ୍କୁ ଦଳୀୟ କର୍ମକର୍ତ୍ତା ମହଲରୁ ଶୁଭେଚ୍ଛା ମିଳିଛି । ଦଳକୁ ମଜଭୁତ କରିବା ସହିତ ଆଗାମୀ ସାଧାରଣ ନିର୍ବାଚନରେ ଦଳ କିଭଳି ବିଜୟ ଲାଭ କରିବ ସେ ନେଇ କାର୍ଯ୍ୟ କରିବେ ବୋଲି ଶିବ କହିଛନ୍ତି ।

# ନୂତନ ଡିକେଡିଏ ସ୍ୱତନ୍ତ୍ର ଅଧିକାରୀଙ୍କୁ ସ୍ୱାଗତ



ରାୟଗଡ଼ା,୬ା୧୧ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ଓ ସୁନାଖଣ୍ଡି ପଞ୍ଚାୟତରେ ବସବାସ କରୁଥିବା ଆଦିମ ଜନଜାତି ଡ଼ଙ୍ଗରିଆ କନ୍ଧଙ୍କ ବିକାଶ ପାଇଁ କାର୍ଯ୍ୟ କରୁଥିବା ଡ଼ଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା (ଡିକେଡିଏ)ର ନୂତନ ସ୍ୱତନ୍ତ୍ର ଅଧିକାରୀ ଭାବେ ଯୋଗ ଦେଇଥିବା ଚୈତନ୍ୟ ମାଝୀଙ୍କୁ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ରାୟଗଡ଼ା ଜିଲା କଳା ସଂସ୍କୃତି ସଂଘ ଉପ ସଭାପତି ସନ୍ତୋଷ କୁମାର ବଛାଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକକଳା କଳାକାରମାନେ ଅଧିକାରୀ ଚୈତନ୍ୟ ମାଝୀଙ୍କୁ ଭେଟି ସମ୍ବର୍ଦ୍ଧିତ କରିଥିଲେ । ଏହି ସମୟରେ ଡିକେଡିଏ ପ୍ରକଳ୍ପ ମ୍ୟାନେଜର ଫିଲିପ କୁମାର ବାଘ ଏବଂ କଳାକାରଙ୍କ ମଧ୍ୟରେ ବିଶ୍ୱନାଥ ମାଣ୍ଡାଙ୍ଗି, ସୁରେଶ ବିଡ଼ିକା, ନିଲାସିଂ କାଡ୍ରାକା ଓ ଡିଉ କାଡ୍ରାକା ପ୍ରମୁଖ ଉପସ୍ଥିତ ଥିଲେ ।

# ରାସ୍ତା ଉପରେ ପଢୁଛନ୍ତି ଛାତ୍ରୀଛାତ୍ର

**୨ ସାହିର ବିବାଦ ଯୋଗୁ ସ୍କୁଲ ବାଟ ବନ୍ଦ**

ବିଷମ କଟକ, ୬ା୧୧( ବିଭୂତି ଭୂଷଣ ନାୟକ )

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଡାଲିଆକୁଜି ଗ୍ରାମର ୨ ସାହି ମଧ୍ୟରେ ବିବାଦକୁ ନେଇ ରାସ୍ତା ଅବରୋଧ କରାଯାଇଛି । ଫଳରେ ଗୋଟିଏ ସାହିର ଲୋକଙ୍କ ପାଇଁ ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି । ଡାଲିଆକୁଜି ପଞ୍ଚାୟତ ଥିବା ପ୍ରାଥମିକ ବିଦ୍ୟାଳୟକୁ ଯିବା ପାଇଁ ଥିବା ରାସ୍ତା ଅବରୋଧ ଯୋଗୁ ଗୋଟିଏ ସାହିର ଛାତ୍ରୀଛାତ୍ର ସ୍କୁଲକୁ ଯାଇ ନ ପାରି ବାଧ୍ୟ ହୋଇ ରାସ୍ତାରେ ବସି ପାଠ ପଢୁଥିବା ଦେଖିବାକୁ ମିଳିଛି । ଅନ୍ୟ ଏକ ସାହିର ପିଲା ସ୍କୁଲରେ ପାଠ ପଢୁଥିବାବେଳେ ବିଦ୍ୟାଳୟର ଶିକ୍ଷକମାନେ ଏହା ଦୁଇ ଗୋଷ୍ଠୀ ମଧ୍ୟରେ ଥିବା ବିବାଦ କହି ଗୋଟିଏ ଗୋଷ୍ଠୀର ଛାତ୍ରଛାତ୍ରୀଙ୍କୁ ରାସ୍ତାରେ ବସି ରହିବା ପାଇଁ ଛାଡି ଦେଇଛନ୍ତି । ବିଦ୍ୟାଳୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ବେଳେ ରାସ୍ତା ଉପରେ ବସି ରହିଥିବା ଛାତ୍ରୀଛାତ୍ରଙ୍କୁ ଏଥିରୁ ବାଦ ଦିଆଯାଇଛି । ଏ ସମ୍ପର୍କରେ ସ୍କୁଲର ପ୍ରଧାନ ଶିକ୍ଷକ ତାମନା ବାର୍ଲିକାଙ୍କୁ ପଚାରିବାରୁ ଉଭୟ ଗୋଷ୍ଠୀର ବିବାଦ ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା କହିଛନ୍ତି । ବିଷମକଟକ ବ୍ଲକ ଶିକ୍ଷା ଅଧିକାରୀ ନବୀନ ଚନ୍ଦ୍ର ଖୋରାଙ୍କୁ ପଚାରିବାରୁ ଆମ ଶିକ୍ଷା ବିଭାଗର କୌଣସି ଭୁଲ ନାହିଁ । ସାହି ବିବାଦ ଯୋଗୁ ଗୋଟେ ସାହିର ପିଲାଙ୍କୁ ସ୍କୁଲକୁ ଛଡ଼ା ନ ଯିବାରୁ ସେମାନେ ବାଧହୋଇ ରାସ୍ତାରେ ପଢୁଥିବା କହିଛନ୍ତି । ଖବରପାଇ ମୁନିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ଡାକି ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିବା ବିଷମ କଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ଡାଲିଆକୁଜି ଗ୍ରାମର ଅନ୍ୟ ସାହିକୁ ସଂଯୋଗ କରୁଥିବା ରାସ୍ତାରେ ଘର ନିର୍ମାଣ କାର୍ଯ୍ୟ ହେଉଥିବାରୁ ଯାତାୟାତରେ ବାଧା ଉପୁଜୁଛି । ଫଳରେ ରାସ୍ତା ଅଣ ଓସରିଆ ହେବା ସହ ଜରୁରୀକାଳିନ ସମୟରେ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ୪ଚକିଆ ଯାନ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ଗୋଟେ ସାହି ଲୋକେ ଅଭିଯୋଗ କରିଛନ୍ତି । ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଥିବାବେଳେ ସମାଧାନ ପାଇଁ ବୈଠକ କରାଯାଇ ସୁଦ୍ଧା କୌଣସି ନିଷ୍ପତ୍ତି ବାହାରି ପାରି ନାହିଁ । ତେଣୁ ଗୋଟେ ଗୋଷ୍ଠୀର ଲୋକେ ରାସ୍ତା ଅବରୋଧ କରିଥିବା କହିଛନ୍ତି । ସେପଟେ ଘର ନିର୍ମାଣ କରୁଥିବା ମହିଳା ଜଣକ କହିଛନ୍ତି, ମୁଁ କୌଣସି ସାମୁହିକ ଜାଗାରେ ଘର କରୁନି, ମୋ ପଟ୍ଟା ଜାଗାରେ ଘର ନିର୍ମାଣ କରୁଛି । ତେବେ ଉଭୟ ଗୋଷ୍ଠୀର ବିବାଦ ମଧ୍ୟରେ କୋମଳମତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାତିଆଣ ଭାବ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଏହି ବିବାଦର ତୁରନ୍ତ ସମାଧାନ ହେଲେ ପିଲାମାନେ ସ୍ୱାଭାବିକ ଭାବେ ବିଦ୍ୟାଳୟକୁ ଯାଇ ପାଠ ପଢି ପାରିବେ ବୋଲି ଦାବି ହୋଇଛି ।



ରାସ୍ତା ଉପରେ ପଢୁଛନ୍ତି ଡାଲିଆକୁଜି ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ।

# ୫୮ ଅଭିଯୋଗ ଶୁଣିଲେ ଜିଲାପାଳ

ରାୟଗଡ,୬ା୧୧ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ଜିଲା ପ୍ରଶାସନ ତରଫରୁ ସଦର ମହକୁମାସ୍ଥିତ ଜିଲା ପରିଷଦ ସଭାଗୃହଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ନୀହାର ରଞ୍ଜନ କହଁର, ରାୟଗଡା ଉପ ଜିଲାପାଳ କଲ୍ୟାଣୀ ସଂଘମିତ୍ରା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଦିଲ୍ଲୀପ କୁମାର ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟ ପ୍ରମୁଖ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ । ଉକ୍ତ ଅଭିଯୋଗ ଶୁଣାଣିରେ ମୋଟ ୫୮ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୪୮ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୩ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ଥିଲା । ଜିଲାପାଳ ସିଂ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୭ ଜଣଙ୍କୁ ୭୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶିବିରରେ ଜିଲାର ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲାପାଳ ଅଭିଯୋଗଗୁଡ଼ିକୁ ପାଇଲା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।



ଜିଲାପାଳ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି ।

# ରତ୍ନଭଣ୍ଡାର,୪ ଦ୍ୱାର ଖୋଲିବା ଦାବିରେ ଜନସମ୍ପର୍କ ଯାତ୍ରା

ରାୟଗଡ଼ା,୬ା୧୧(ଆଶିଷ ରଞ୍ଜନ ପଣ୍ଡା)

ପୁରୀ ଶ୍ରୀ ମନ୍ଦିର ରତ୍ନଭଣ୍ଡାର ଏବଂ ଚାରି ଦ୍ୱାର ଖୋଲିବା ଦାବିରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଏକ ଜନସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ପୁରୀ ଜଗନ୍ନାଥ ସେନା କେନ୍ଦ୍ରୀୟ କମିଟି ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଖବରଦାତାଙ୍କୁ ସୂଚନା ଦେଇ କହିଥିଲେ, ମନ୍ଦିର ପରିସର ରୂପାନ୍ତରଣ କାର୍ଯ୍ୟକ୍ରମ ସରିବା ପରେ ରତ୍ନଭଣ୍ଡାର ଖୋଲାଯିବା ନେଇ ପୂର୍ବରୁ ଘୋଷଣା ହୋଇଥିଲା । ଏପରିକି ରତ୍ନଭଣ୍ଡାର ଖୋଲି ଗଣତି ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୨ ମାସର ମହଲତ ଦେଇଥିଲେ । ଏଥିସହିତ ମନ୍ଦିର ପରିକ୍ରମା ପ୍ରକଳ୍ପ ୨ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରି ଭକ୍ତଙ୍କ ଦର୍ଶନ ସୁବିଧା ପାଇଁ ୪ ଦ୍ୱାର ଖୋଲିବାକୁ ମଧ୍ୟ ନିର୍ଦ୍ଦେଶ ରହିଥିଲା । ହେଲେ ଏ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନାହିଁ । ରତ୍ନଭଣ୍ଡାର ଖୋଲିବା ଦାବିରେ ଜଗନ୍ନାଥ ସେନା ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ନିଷ୍ପତ୍ତି ହୋଇଥିଲା । ହେଲେ ହାଇକୋର୍ଟ ଓ ପୁରୀ ଜିଲା ପ୍ରଶାସନ ଅନୁରୋଧ କ୍ରମେ ଏହି ବନ୍ଦ ନିଷ୍ପତ୍ତିକୁ ସ୍ଥଗିତ ରଖା ଯାଇଥିଲା । ଏବେ ରାଜ୍ୟ ସରକାର ଓ ପୁରୀ ଜିଲା ପ୍ରଶାସନ ଯଦି ଚାରି ଦ୍ୱାର ଖୋଲିବା ସହିତ ରତ୍ନଭଣ୍ଡାର ଖୋଲି ପ୍ରକୃତ ସତ୍ୟ ଲୋକଙ୍କ ନିକଟକୁ ନ ଆଣନ୍ତି ତେବେ ଜଗନ୍ନାଥ ସେନା ପୁଣି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଜଗନ୍ନାଥ ସେନା କମିଟି ଆବାହକ ପ୍ରିୟଦର୍ଶନ କହିଛନ୍ତି । ଏହି ଜନସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମରେ ପ୍ରିୟଦର୍ଶନଙ୍କ ସମେତ ରାୟଗଡ଼ା ଜଗନ୍ନାଥ ସଂସ୍କୃତି ପରିଷଦର ସଭାପତି କିଶୋର ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରଶାନ୍ତ ତ୍ରିପାଠୀ, କୋଷାଧ୍ୟକ୍ଷ ଗୋବିନ୍ଦ ପ୍ରସାଦ ରଥ, ରଞ୍ଜନ ରଥ, ରାଜ କିଶୋର ପଣ୍ଡା, ରାଜେଶ ପାଢ଼ୀ, ସତ୍ୟବାଦୀ ପତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଦୁଷ୍ମନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।




ଜନସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମରେ ଜଗନ୍ନାଥ ସେନା ଓ ଜଗନ୍ନାଥ ସଂସ୍କୃତି ପରିଷଦର କର୍ମକର୍ତ୍ତାମାନେ ।

# କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ରାୟଗଡ଼ା ଗସ୍ତ

ରାୟଗଡ଼ା,୬ା୧୧(ଆଶିଷ ରଞ୍ଜନ ପଣ୍ଡା)

କେନ୍ଦ୍ର ଜଳଶକ୍ତି ବିଭାଗ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସୋମବାର ଦିନିକିଆ ରାୟଗଡ଼ା ଜିଲା ଗସ୍ତରେ ଆସି ଫେରି ଯାଇଛନ୍ତି । ସକାଳୁ ଟୁଡୁ ରାୟଗଡ଼ା ଆସି ପ୍ରଥମେ ସ୍ଥାନୀୟ ରାମକୃଷ୍ଣ ନଗରସ୍ଥିତ ଗଜଲକ୍ଷ୍ମୀ ପୂଜା ଉତ୍ସବରେ ସାମିଲ ହୋଇଥିଲେ । ପୂଜାସ୍ଥଳକୁ ଆସି ମା'ଙ୍କ ଆରାଧନା କରିବା ସହିତ ପୂଜାର୍ଚ୍ଚନା କରିଥିଲେ । ଏହାପରେ ପୂଜା କମିଟି ଓ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରିଥିଲେ । ସେଠାରୁ ଫେରି ସ୍ଥାନୀୟ ସର୍କିଟ ହାଉସଠାରେ ଦଳୀୟ ନେତାଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରିବା ସହିତ ରୁଦ୍ଧଦ୍ୱାର ବୈଠକ କରିଥିଲେ । ତେବେ ବୈଠକରେ କ'ଣ ଆଲୋଚନା ହୋଇଥିଲା ସେ ନେଇ ଦଳ ତରଫରୁ କୌଣସି ସୂଚନା ମିଳିନାହିଁ । ତେବେ ବିଭିନ୍ନ ସମୟରେ ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ନେଇ ମନ୍ତ୍ରୀ ଟୁଡୁ ନିଜ ପ୍ରତିକ୍ରିୟା ରଖି ବିକାଶ ସହିତ ଜନଜାତି ସୁରକ୍ଷା ଆବଶ୍ୟକ ବୋଲି କହିଥିଲେ । ଏଥିସହ ନାଗାବଳୀ ନଦୀ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା କହିଥିଲେ । ଆଗାମୀ ନିର୍ବାଚନରେ ଦଳର ସାଂଗଠନିକ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । ଦଳୀୟ ନେତାଙ୍କ ଉତ୍ତରରେ ସେ ଅସନ୍ତୋଷ ପ୍ରକଟ କରିଥିବା ଜଣାପଡିଛି । ମନ୍ତ୍ରୀ ଟୁଡୁଙ୍କ ଗସ୍ତ ସମୟରେ ଭାଜପା ଜିଲା ଉପସଭାପତି ପଦ୍ମନାଭ ଦାସ, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରତାପ ପୁଆଲା, ଜିଲା ଯୁବମୋର୍ଚ୍ଚା ସଭାପତି ଉମେଶ ଖୋସଲା, ଦେବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ଗଜଲକ୍ଷ୍ମୀ ପୂଜା ଉତ୍ସବରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ ।

# ଆଇଡିଆଲ ପବ୍ଲିକ ସ୍କୁଲରେ ବିଜ୍ଞାନ, ହସ୍ତଶିଳ୍ପ ମେଳା

ପଦ୍ମପୁର, ୬ା୧୧(ପ୍ରଶାନ୍ତ କର)

ପଦ୍ମପୁରସ୍ଥିତ ଆଇଡିଆଲ ପବ୍ଲିକ ସ୍କୁଲରେ ସୋମବାର ବିଜ୍ଞାନ ଓ ହସ୍ତଶିଳ୍ପ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରସେନ ଲିମା ଯୋଗଦେଇ ବିଜ୍ଞାନ ମେଳା ଓ ହସ୍ତଶିଳ୍ପ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ର ପିଲାମାନଙ୍କୁ ଜୀବନରେ ବିଜ୍ଞାନର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ଲିମା ବିଜ୍ଞାନ ଓ ହସ୍ତଶିଳ୍ପର ଆବଶ୍ୟକତା ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ । ଏଥିରେ ସମୁଦାୟ ୮୦ରୁ ଅଧିକ ବିଜ୍ଞାନ ପ୍ରକଳ୍ପ ଓ ହସ୍ତଶିଳ୍ପ ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବେ ବହୁପଦରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରସାୟନ ବିଜ୍ଞାନ ଅଧାପିକା ଅଦିତି ସାବତ ଏବଂ ବିଏନ ହାଇସ୍କୁଲର ଗଣିତ ଶିକ୍ଷକ ଭି. ଚକ୍ରଧର ଯୋଗ ଦେଇଥିଲେ । ଏଠାରେ ବହୁ ସଂଖ୍ୟାରେ ଅଭିଭାବକ ଓ ଅତିଥିମାନେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ମିତୁ ପାଢ଼ୀ, ଅର୍ପିତା ପଣ୍ଡା, ମଧୁସ୍ମିତା ମାଝୀ, ମନସ୍ୱିତା ପାଣିଗ୍ରାହୀ, ଧରିତ୍ରୀ ଶବର ଓ ଶିକ୍ଷକ ତ୍ରିପତି ଜେନା ସହଯୋଗ କରିଥିଲେ । ସ୍କୁଲର ଅଧ୍ୟକ୍ଷା ଜ୍ୟୋତି ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ଅତିଥିମାନେ ଛାତ୍ରୀଙ୍କ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

# ଜିଲାରେ ଭିଜିଲାନ୍ସ ସକ୍ରିୟ ହେବା ଆବଶ୍ୟକ

**ରାଜ୍ୟସ୍ତରୀୟ ଅଧିକାରୀଙ୍କ ନିରପେକ୍ଷ ତଦନ୍ତ ଜରୁରୀ: ଦୁର୍ଗାପ୍ରସାଦ**

ରାୟଗଡ଼ା,୬ା୧୧(ଆଶିଷ ରଞ୍ଜନ ପଣ୍ଡା)

ପ୍ରଶାସନିକ କ୍ଷେତ୍ରରେ ଜନସାଧାରଣଙ୍କୁ ସୁରୁଖୁରୁରେ ବିନା ଦୁର୍ନୀତିରେ ସମସ୍ତ ସରକାରୀ ଯୋଜନା ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ଭିଜିଲାନ୍ସ ବିଭାଗ, କ୍ରାଇମବ୍ରାଞ୍ଚ, ଇଓଡବ୍ଲ୍ୟୁଓ ଭଳି ସଂସ୍ଥା କାର୍ଯ୍ୟକାରୀ କରୁଛି । ହେଲେ ରାୟଗଡ଼ା ଜିଲାରେ ସରକାରୀ ଅଧିକାରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁ ନ ଥିବା ପରିଲକ୍ଷିତ ହେଉଛି । ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ରାୟଗଡ଼ା ଜିଲାରେ ୮ଜଣ ସରକାରୀ ଅଧିକାରୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଥିବା ନଜିର ରହିଛି । ଜିଲାରେ ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ଅଧିକ ରହିଥିବା ବେଳେ ମାତ୍ର କେତେଜଣ ଭିଜିଲାନ୍ସ ଜାଲରେ ପଡୁଥିବା ବୁଦ୍ଧିଜୀବୀ କହିଛନ୍ତି । ଭିଜିଲାନ୍ସ ବିଭାଗ ଜିଲାରେ ସେତେଟା ସକ୍ରିୟ ନ ଥିବା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା କହିଛନ୍ତି । ଦୁର୍ଗା କହିଛନ୍ତି ଯେ, ଜିଲାରେ ହେଉଥିବା ଦୁର୍ନୀତି ଉପରେ ଖୋଦ୍ ଭିଜିଲାନ୍ସ ଡିଜି ନିଜେ ହସ୍ତକ୍ଷେପ କରି ଲୋକଙ୍କ ଅଭିଯୋଗକୁ ଗ୍ରହଣ କରି ନିରପେକ୍ଷ ତଦନ୍ତ କଲେ ଏଭଳି ଆହୁରି ବଡ଼ ବଡ଼ ମାଛ ଭିଜିଲାନ୍ସ ଜାଲରେ ପଡ଼ିବେ । କମ୍ପାନୀଠାରୁ ମୋଟା ଅଙ୍କର ପିସି କାରବାର କରି ବିଭିନ୍ନ ବିଭାଗରେ ଦୁର୍ନୀତି ବଢ଼ି ଚାଲିଛି । ତେଣୁ ଏହାକୁ ରୋକିବା ପାଇଁ ରାଜ୍ୟସ୍ତରରୁ ଭିଜିଲାନ୍ସ ଅଧିକାରୀ ଆସି ଦୁର୍ନୀତିର ତଦନ୍ତ କରିବାକୁ ପଡ଼ିବ ବୋଲି ଦୁର୍ଗା କହିଛନ୍ତି ।

ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଯମୁନା ବେହେରା ଟେଣ୍ଡର ଜାଲିଆତି କରି ନିଲମ୍ବିତ ହୋଇଥିଲେ । ସେହିଭଳି ତାଙ୍କ ପୂର୍ବରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାୟଗଡ଼ା ଡିଏଫଓ ବିଜୟ କୁମାର ପରିଡ଼ା ଗିରଫ ହୋଇଛନ୍ତି । ନିମ୍ନମାନର କାମ ଯୋଗୁ କଲ୍ୟାଣସିଂହପୁର ବ୍ଲକ ଉପରସାଜା କଲଭର୍ଟ ଭୁଶୁଡ଼ି ୪ଶିଶୁ ସମେତ ୫ଜଣଙ୍କ ମୃତ୍ୟୁ ଘଟଣାରେ ଗ୍ରାମ୍ୟ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଭେଙ୍କଟରମଣ ମୁଦୁଲି ଓ କନିଷ୍ଠ ଯନ୍ତ୍ରୀ ରାଜେଶ ମଣ୍ଡଳ ନିଲମ୍ବିତ ହୋଇଥିଲେ । ଜନସ୍ୱାସ୍ଥ୍ୟ ବିଭାଗ ଏଷ୍ଟିମେଟର ରମାକାନ୍ତ ମଲିକ ଏକ କାମର ଏଷ୍ଟିମେଟ ଦେବା ପାଇଁ ଠିକାଦାରଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ନିଲମ୍ବିତ ହୋଇଛନ୍ତି । ସେହିପରି ଡଙ୍ଗରିଆକନ୍ଧ ସମ୍ପ୍ରଦାୟର ଲୋକଙ୍କୁ ଠକେଇ ଅଭିଯୋଗରେ ଓପିଲିପ୍ ଗୋଷ୍ଠୀ ସମ୍ବଳ ବ୍ୟକ୍ତି ରମେଶ ନାଲ୍ଲା ନିଲମ୍ବିତ ହୋଇଥିଲେ । ସେହିଭଳି ଟଙ୍କା ହେରଫେର ଅଭିଯୋଗରେ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ନିଶାଲ ନିଲମ୍ବିତ ହୋଇଥିଲେ । ଏତିକି ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଥିବା ବେଳେ ଅନେକଙ୍କ ନାମରେ ଭିଜିଲାନ୍ସ ତଦନ୍ତ କରୁଛି । ପୂର୍ତ୍ତ ବିଭାଗର ୨ ଯନ୍ତ୍ରୀଙ୍କ ସମ୍ପତ୍ତି ଠାବ କରୁଛି ଭିଜିଲାନ୍ସ । ଦୁର୍ନୀତିର ଶିକାର ହେଉଥିବା ତଥା ଅନେକ ସମୟରେ ଦୁର୍ନୀତି ବିରୋଧରେ ଜନସାଧାରଣ ଅଭିଯୋଗ କରୁଥିଲେ ମଧ୍ୟ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ରୋଜଗାରିଆ ପୁଅ ଏବେ ଭିନ୍ନକ୍ଷମ

**ସରକାରୀ ସହାୟତା ଲୋଡ଼ିଲେ ରମେଶ**

ରାୟଗଡା,୬ା୧୧(ଭାଗ୍ୟଶ୍ରୀ ମିଶ୍ର )

ଦୁର୍ଘଟଣା ବଦଳାଇଦେଲା ଜୀବନର ଗତିପଥ । ରୋଜଗାରିଆ ପୁଅ ଏବେ ଭିନ୍ନକ୍ଷମ । ଯେଉଁ ବୟସରେ ମା' ବାପାଙ୍କୁ ସାହାଯ୍ୟ କରିବା କଥା, ଏବେ ମୁଁ ସେମାନଙ୍କ ପାଇଁ ବୋଝ ପାଲଟିଛି ବୋଲି ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର ଜଣେ ଭିନ୍ନକ୍ଷମ ରମେଶ ନାୟକ କହିଛନ୍ତି । ସରକାରୀ ସହାୟତା ପାଇଁ ରମେଶ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସି ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଗୁହାରି କରିଛନ୍ତି ।

ସୂଚନାଯୋଗ୍ୟ, କାଶୀପୁର ବ୍ଲକ ଗରଖପୁର ପଞ୍ଚାୟତ ଜି. ରାଉତ ଘାଟି ଗ୍ରାମର ରମେଶ ଜଣେ ଇଲେକ୍ଟ୍ରିକ୍ ମ୍ୟାନ ଭାବେ କାମ କରି ନିଜ ପରିବାର ଚଳାଉଥିଲେ । ୨୦୨୦ରେ ବିଦ୍ୟୁତ୍ ଆଘାତରେ ତାଙ୍କର ଗୋଟେ ଗୋଡ଼ ୨ଟି ହାତ କାମ ନ କରିବାରୁ ପ୍ରଥମେ ରାୟଗଡ଼ା, କୋରାପୁଟ, ବ୍ରହ୍ମପୁର, କଟକ ମେଡିକାଲରେ ଚିକିତ୍ସା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ଶେଷରେ ଡାକ୍ତର ତାଙ୍କର ଗୋଟିଏ ଗୋଡ଼ ୨ହାତ କାଟିବାକୁ ବାଧ୍ୟ ହୋଇଥିଲେ । ଏହି ଦୁର୍ଘଟଣା ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ରମେଶଙ୍କୁ କୌଣସି କ୍ଷତିପୂରଣ ମିଳି ନ ଥିବା ରମେଶ କହିଛନ୍ତି । ସେବେଠାରୁ ସେ କୌଣସି କାମ କରି ନ ପାରି ଘରେ ବସି ରହୁଛନ୍ତି । ବୃଦ୍ଧ ବୟସରେ ମା'ବାପା ରମେଶଙ୍କ ସେବା କରୁଥିବା ବେଳେ ଏପରି ଅବସ୍ଥାରେ ସ୍ତ୍ରୀ ମଧ୍ୟ ହାତ ଛାଡି ଚାଲି ଯାଇଛନ୍ତି । ଫଳରେ କୁନି ଝିଅକୁ ନେଇ ରମେଶ ବହୁତ ହଇରାଣ ହୋଇ ଚଳୁଥିବା କହିଛନ୍ତି । ଏ ସମସ୍ୟା ନେଇ ରମେଶ ରାୟଗଡା ଭିନ୍ନକ୍ଷମ ମହାସଂଘ ସଭାପତି ଶିଶିର ରାଉଳ ଏବଂ ଅମରେନ୍ଦ୍ର ନାଥଙ୍କୁ ଯୋଗାଯୋଗ କରିବାରୁ ସେମାନେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ରମେଶଙ୍କୁ ଆଣିବାରେ ସହଯୋଗ କରିଥିଲେ । ସେ ଚାଲିପାରୁ ନ ଥିବାରୁ ଭିନ୍ନକ୍ଷମ ସ୍କୁଟର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଏବଂ ସରକାରୀ ସହାୟତା ପାଇଁ ଅନେକ ଥର କାଶୀପୁର ବ୍ଲକ୍‌ରେ ଆବେଦନ ସତ୍ତ୍ୱେ କୌଣସି ଲୋନ କି ସହାୟତା ମିଳି ନ ଥିବା ସେ କହିଛନ୍ତି । ରମେଶ ଜିଲାପାଳଙ୍କୁ ଭେଟି ସରକାରୀ ସହାୟତା ମିଳିଲେ ସେ ଆତ୍ମନିର୍ଭରଶୀଳ ହେବେ ବୋଲି ଗୁହାରି କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍କୁଟର ମିଳିଲେ ତାହା ବ୍ୟବସାୟ କରିବାକୁ ସହାୟକ ହେବ ବୋଲି ସେ ଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି । ସହାୟତା ରାଶି ବାବଦରେ ଜିଲାପାଳ ତାଙ୍କୁ ୧୫ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି । ବିଦ୍ୟୁତ୍ ବିଭାଗ ସହିତ ଆଲୋଚନା କରି ତାଙ୍କୁ ତୁରନ୍ତ କ୍ଷତିପୂରଣ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ।



ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଭିନ୍ନକ୍ଷମ ରମେଶ ।

# ଆବାସ ଯୋଜନାରୁ ବଞ୍ଚିତ ଚମ୍ପାଯୋଡ଼ି ଗ୍ରାମବାସୀ

**ସରକାରୀ ସହାୟତା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ**

ରାୟଗଡ଼ା,୬ା୧୧(ଆଶିଷ ରଞ୍ଜନ ପଣ୍ଡା)

ଅନୁସୂଚିତ ଜାତି ଓ ଜନଜାତି ଭରା ରାୟଗଡ଼ା ଜିଲାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଜୁ ପକ୍କା ଘର, ମୋ ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ବିଭିନ୍ନ ବାସଗୃହ ଥଇଥାନର ଯୋଜନା କାର୍ଯ୍ୟକାରୀ କରିଛନ୍ତି । ହେଲେ ବକ୍ସାଇଟ ଖଣି ପାଇଁ ପ୍ରସିଦ୍ଧି ଲାଭ କରିଥିବା ଜିଲାର କାଶୀପୁର ବ୍ଲକ ଅଧୀନ ବହୁ ଗ୍ରାମ ଆଜି ବି ବିକାଶଠୁ ବହୁ ଦୂରରେ । କାଶୀପୁର ବ୍ଲକର ବହୁ ଗ୍ରାମବାସୀ ସରକାରୀ ସୁବିଧାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି । କାଶୀପୁର ବ୍ଲକ ରେଙ୍ଗା ପଞ୍ଚାୟତର ଚମ୍ପାଯୋଡ଼ି ଗ୍ରାମବାସୀଙ୍କୁ ବାସଗୃହ ନିର୍ମାଣ ପାଇଁ କୌଣସି ସରକାରୀ ସହାୟତା ମିଳିନାହିଁ । ତେଣୁ ଏ ନେଇ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଜିଲାପାଳ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ପ୍ରକାଶ ଥାଉକି, ଚମ୍ପାଯୋଡ଼ି ଗ୍ରାମରେ ପ୍ରାୟ ୨୬୦ ପରିବାର ବସବାସ କରୁଛନ୍ତି । ୨୦୧୪-୧୫ରେ ଉକ୍ତ ଗ୍ରାମର କିଛି ହିତାଧିକାରୀଙ୍କୁ ପକ୍କା ଘର ପାଇଁ ସହାୟତା ମିଳିଥିଲା । ଏହା ପରଠାରୁ କୌଣସି ଗ୍ରାମବାସୀଙ୍କୁ ସହାୟତା ମିଳିନାହିଁ । ଏ ନେଇ ଗ୍ରାମବାସୀ କାଶୀପୁର ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ବିଭିନ୍ନ ସମୟରେ ଅନୁଷ୍ଠିତ ଗ୍ରାମସଭା, ପଲ୍ଲିସଭାରେ ଗ୍ରାମବାସୀ ନିଜ ଅଭିଯୋଗ ଜଣାଇଥିଲେ ମଧ୍ୟ ଅନ୍ୟ ଗ୍ରାମକୁ ବାସଗୃହ ନିର୍ମାଣ ପାଇଁ ସରକାରୀ ସହାୟତା ମିଳୁଥିବା ବେଳେ ଚମ୍ପାଯୋଡ଼ି ଗ୍ରାମବାସୀଙ୍କୁ କୌଣସି ସରକାରୀ ସହାୟତା ମିଳୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ୨୦୨୦-୨୧ରେ ଆବାସ ଯୋଜନା ପାଇଁ ଗ୍ରାମର କିଛି ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନପୂର୍ବକ ଫର୍ମ ମଧ୍ୟ ଦାଖଲ କରିଥିଲେ । ହେଲେ କୌଣସି ଜଣେ ହିତାଧିକାରୀଙ୍କୁ ଖଣ୍ଡିଏ ଘର ପାଇଁ ସରକାରୀ ସହାୟତା ମିଳିଲା ନାହିଁ । ଗ୍ରାମବାସୀ ଗରିବ ଶ୍ରେଣୀର ହୋଇଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆବାସ ଯୋଜନା ତାଲିକାରେ ଗ୍ରାମର ୪୭ଜଣ ହିତାଧିକାରୀଙ୍କ ନାମ ରହିଥିଲେ ମଧ୍ୟ ସେମାନଙ୍କୁ କୌଣସି ସରକାରୀ ସହାୟତା ମିଳିନାହିଁ । ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସେମାନଙ୍କୁ ପକ୍କା ଘର ନିର୍ମାଣ ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଯଦି ଏହି ଦାବି ପୂରଣ ନ ହୁଏ ତେବେ ଆଗାମୀ ସାଧାରଣ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି କହିଛନ୍ତି ।



ପକ୍କା ଘର ଖଣ୍ଡିଏ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଚମ୍ପାଯୋଡ଼ି ଗ୍ରାମବାସୀ ।

